# ସୋସିଆଲ ମିଡିଆ ମନିଟରିଂ ୟୁନିଟ୍ ଗଠିତ

ବାଲେଶ୍ୱର, ୩।୫(ସମିସ): ଆଗାମୀ ନିର୍ବାଚନରେ ସୋସିଆଲ ମିଡ଼ିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଯୋଗୁ କେତେକ ବ୍ୟକ୍ତି ଏହାର ଦୁରୁପଯୋଗ କରୁଥିବାର ଅଭିଯୋଗ ହେଉଛି। ତେଣୁ ସୋସିଆଲ ମିଡିଆରେ ନିର୍ବାଚନୀ ପ୍ରସଙ୍ଗକୁ ପୋଷ୍ଟ କରିବା ପୂର୍ବରୁ ସତ୍ୟତା ଉପରେ ଗୁରୁତ୍ୱ ଦେବାକୁ ବାଲେଶ୍ୱର ପୁଲିସ ଆରକ୍ଷୀ ଅଧୀକ୍ଷିକା ସୂଚନା ଦେଇଛନ୍ତି। ନିର୍ବାଚନ ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ଗାଇଡ଼୍ ଲାଇନ ଅନୁସାରେ ବାଲେଶ୍ୱର ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସୋସିଆଲ ମିଡ଼ିଆ ମନିଟରିଂ ୟୁନିଟ ଗଠନ କରାଯାଇଛି। ଶୁକ୍ରବାର ଦିନ ଏସ୍‌ପି ସାଗରିକା ନାଥ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିପାଇଁ ଜଣେ ବରିଷ୍ଠ ଡିଏସପିଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଛି। ଫେସବୁକ, ମେଟା, ଏକ୍ସ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ନିର୍ବାଚନ, ପ୍ରାର୍ଥୀ ଦଳୀୟ ନେତା ଓ ବିଭିନ୍ନ ନିର୍ବାଚନ ସମ୍ପର୍କିତ ତଥ୍ୟକୁ ବିଭ୍ରାନ୍ତ କରି ପୋଷ୍ଟ କରାଯାଉଥିବାରୁ ସେଗୁଡିକ ଉପରେ କଟକଣା ଲଗାଯାଇଛି। ଇତି ମଧ୍ୟରେ ୩୨ଟି ବିବାଦୀୟ ପୋଷ୍ଟକୁ ପୁଲିସ ଟିମ ପକ୍ଷରୁ ଡିଲିଟ କରାଯାଇଛି। ଆଉ ଅନେକ ପୋଷ୍ଟ ଉପରେ କଡା ନଜର ମଧ୍ୟ ରଖା ଯାଇଛି। ସୋସିଆଲ ମିଡ଼ିଆର ଏହିଭଳି ଏକ ବିବାଦୀୟ ପୋଷ୍ଟ ଉପରେ ରେମୁଣା ଥାନାରେ ଏତଲା ଦିଆଯାଇଥିବାବେଳେ ଏକ ମାମଲା ରୁଜୁ ହେଇଥିବାର ଏସପି ନାଥ କହିଛନ୍ତି। ପ୍ରତିଦିନ ଲୋକଙ୍କ ନିକଟକୁ ହ୍ୱାଟ୍ସ ଆପ ଗ୍ରୁପରେ ବିବାଦୀୟ ପୋଷ୍ଟ ଆସୁଥିବାରୁ ଏହି ସୋସିଆଲ ମିଡ଼ିଆକୁ ବ୍ୟବହାର କରୁଥିବା ବ୍ୟକ୍ତି ଓ ଗ୍ରୁପ୍‌ର ସଦସ୍ୟ ସଦସ୍ୟା ମାନେ ପ୍ରକୃତ ଘଟଣା କଣ ଏବଂ ସେମାନଙ୍କ ନିକଟକୁ ଆସୁଥିବା ତଥ୍ୟ ପଛରେ କେତେ ସତ୍ୟତା ରହିଛି, ତାହା ଉପରେ ସମୀକ୍ଷା କରିବା ଆବଶ୍ୟକ ବୋଲି ଏସପି କହିଥିଲେ। ତେଣୁ ସତ୍ୟତା ନଥିବା ପ୍ରସଙ୍ଗ ଗୁଡିକୁ ରି-ପୋଷ୍ଟ କିମ୍ବା ଫରୱାର୍ଡ଼ ନ କରିବାକୁ ଏସ୍‌ପି ନାଥ ଜନ ସାଧାରଣଙ୍କୁ ନିବେଦନ କରିଛନ୍ତି।

## ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ଗରମ ଗୁଳୁଗୁଳିରେ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି ରୋଗୀ

ବାଲେଶ୍ୱର, ୩।୫ (ସମିସ):

ଅତ୍ୟନ୍ତ ଗ୍ରୀଷ୍ମପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତେବେ ଏଥିରୁ ବାଦ୍ ପଡୁନାହାନ୍ତି ରୋଗୀ ଏବଂ ତାଙ୍କ ସମ୍ପର୍କୀୟ। ଏହି ଗରମ ଗୁଳୁଗୁଳିରେ ରୋଗୀମାନେ ତଳେ ଅର୍ଥାତ୍ ବାରଣ୍ଡାରେ ପଡ଼ି ରହିଛନ୍ତି। ବିଭାଗ ଭିତରକୁ ପଶିବା ମାତ୍ରେ ଉଭୟ ପଟେ ଲମ୍ବା କରି ରୋଗୀ ବାରଣ୍ଡାରେ ରହିଛନ୍ତି। ଏମିତିକି ବାରଣ୍ଡାରେ ଶୋଇଥିବା ରୋଗୀ ଦେହରେ ସାଲାଇନ୍ ମଧ୍ୟ ଲାଗିଥିବାର ଦୃଶ୍ୟ ସାମ୍ନାକୁ ଆସିଛି। ଏ ହେଉଛି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶଲ୍ୟ ବିଭାଗର ଅବସ୍ଥା। ଶୁକ୍ରବାର ଦିନ ଥିଲା ଏମିତି କିଛି ଦୃଶ୍ୟ। ଆମ ହସ୍ପିଟାଲ ଯୋଜନାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିକାଶମୂଳକ କାମ କରାଯାଇଛି। ଏଥିସହିତ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲ ମୁଖ୍ୟ ଚିକିତ୍ସାଳୟରୁ ରେମୁଣାକୁ ସ୍ଥାନାନ୍ତର ହୋଇଛି। କିନ୍ତୁ ଏସବୁ ଭିତରେ ଏବେ ବି ରୋଗୀମାନେ ଚିକିତ୍ସାରେ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ହସପିଟାଲର ଶଲ୍ୟ ବିଭାଗରେ ଶଯ୍ୟା ସଂଖ୍ୟା କମ୍ ଥିବାରୁ ଅନେକ ରୋଗୀ ଏବେବି ତଳେ ନ ହେଲେ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି। ବିଭାଗର ବାରଣ୍ଡାରେ ରୋଗୀମାନେ ତଳେ ଶୋଇଥିବାର ଦୃଶ୍ୟ ବେଶ୍ ସମସ୍ତଙ୍କୁ ବିଚଳିତ କରୁଛି। କାରଣ ଯିବା ଆସିବା ବାଟରେ ଏପରି ରୋଗୀ ଓ ତାଙ୍କ ସମ୍ପର୍କୀୟ ରହିବା ସମସ୍ତଙ୍କୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୁଷ ରୋଗୀଙ୍କଠୁ ଆରମ୍ଭ କରି ମହିଳା ରୋଗୀମାନେ ମଧ୍ୟ ବାରଣ୍ଡାରେ ତଳେ ପଡ଼ିଛନ୍ତି। ଏମିତିକି ବିଭାଗରେ ଥିବା ଗୋଟେ ରୁମ୍ ରେ ଶଯ୍ୟା ନଥିବାରୁ ତଳେ ରହିଛନ୍ତି ରୋଗୀ। ଗୋଟେ ପଟେ ଗରମ ଗୁଳୁଗୁଳି ସାଙ୍ଗକୁ ଅନ୍ୟପଟେ ଶଯ୍ୟାର ଅଭାବ ରୋଗୀଙ୍କ ଭିତରେ ଅସନ୍ତୋଷ ସୃଷ୍ଟି କରିଛି। ଗରମ ପାଇଁ ଭିତରେ ରହି ହେଉନି। ସେଥିପାଇଁ ବାରଣ୍ଡାରେ ରହିଛୁ ବୋଲି ସୋରରୁ ଆସିଥିବା ରୋଗୀ ରାମଚନ୍ଦ୍ର ପଣ୍ଡା କହିଥିଲେ। ଅନ୍ୟପଟେ ବିଭାଗରେ ଷ୍ଟ୍ରେଚର ନ ଥିବା କାରଣରୁ ମଧ୍ୟ ଅସନ୍ତୋଷ ଦେଖା ଦେଇଥିଲା। ତେବେ ବୟସ୍କଙ୍କୁ ଆରମ୍ଭ କରି ସଭିଏଁ ସେଇ ବାରଣ୍ଡାରେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଥିଲା। ଏ ନେଇ ହସପିଟାଲ୍ ମ୍ୟାନେଜର ଦେବାଶିଷ ମିଶ୍ର କହିଛନ୍ତି, ବିଭାଗର ଗୋଟେ ରୁମ୍‌ରେ କାମ ହେଉଛି। ସେଥିପାଇଁ ଶଯ୍ୟା ନାହିଁ। କାମ ସରିଗଲେ ପୁଣି ଶଯ୍ୟା ରଖାଯିବ। ଗରମରୁ ମୁକ୍ତି ପାଇଁ ଫ୍ୟାନ୍‌ର ବ୍ୟବସ୍ଥା କରାଯାଇଛି।



# ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ବାଲେଶ୍ୱର, ୩।୫(ସମିସ): ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୧୧ନଂ ଓ ୩ନଂ ୱାର୍ଡରେ ଶୁକ୍ରବାର ଦିନ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ତାଙ୍କ ସମର୍ଥକ ମାନଙ୍କ ସହିତ ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ସଚେତନତା କରାଇବା ସହ ଆସନ୍ତା ଜୁନ ୧ ତାରିଖରେ ଉଭୟ ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରଞ୍ଜନ ବାଗ, କାଉନସିଲର ସେକ ନୌସାଦ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ, ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା ଜୟଶ୍ରୀ ବିଶ୍ୱାଳ, ନାରୀ ନେତ୍ରୀ ରାଜଲକ୍ଷ୍ମୀ ଚାଟାର୍ଜୀ, କାଉନସିଲର କାର୍ତ୍ତିକ ସାହୁ, ସେକ ଆୟୁବ, ପୂର୍ବତନ କାଉନସିଲର ସାକିର ଖାନ, ଅଶୋକ ଆଢ୍ୟ, ବିଧାୟକଙ୍କ ପ୍ରତିନିଧି ଅଭିଜିତ ଦାସ, ବିଜେଡି ନେତା ଜଗନ୍ନାଥ ମହାରଣା ପ୍ରମୁଖ ସାମିଲ ହୋଇ ପ୍ରଚାର କରିଥିଲେ।

# ପାନୀୟ ଜଳ ସେବା ଶିବିର



ବାଲେଶ୍ୱର, ୩।୫(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମାଜସେବୀ ଆଶ୍ରିତା ତରେଇ ବାଲେଶ୍ୱର ସହରର ସିନେମାଛକ ଦୂର୍ଗାମଣ୍ଡପଠାରେ ଏକ ଜଳ ସେବା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିରେ ପୌରାଧ୍ୟକ୍ଷା ସବିତା ସାହୁ, ଯୁବନେତା ମାନସ କୁମାର ଦତ୍ତ, ବିକ୍ରମ ପଣ୍ଡା, କାଉନସିଲର ପଦ୍ମଲୋଚନ ଲେଙ୍କା, ସଲିମା ବିବି ଓ ନିତ୍ୟଗୋପାଳ ସିଂ, ପୂର୍ବତନ କାଉନସିଲର ସନତ ଦାସ, ଇନ୍ତେଖ୍‌ୱାବ ଅଲ୍ଲୀ ଖାଁ, ହରେକୃଷ୍ଣ ସ୍ୱାଇଁ, ସୁଜାତା ମହାପାତ୍ର, ମିନତୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀମତୀ ତରେଇ ଏଥିରେ ପୌରହିତ୍ୱ କରିବା ସହିତ ସେବା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସାମାଜିକ କର୍ମୀ ସଂଘମିତ୍ରା କର, ସତ୍ୟେନ୍ଦ୍ର ଦାସ, ରାଜେନ୍ଦ୍ର ଦାସ, ଲମ୍ବୋଦର ବେହେରା, ପ୍ରଣବ ପଟ୍ଟନାୟକ, ଘନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଜଳ ସେବା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ଦିନରେ ସଂଗଠନ ପକ୍ଷରୁ ପଥଚାରୀମାନଙ୍କୁ ଦହି ସରବତ, ଗଜା ବୁଟ ଓ ତରଭୁଜ ପ୍ରଦାନ କରାଯାଇଥିଲା।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ନୂଆଦିଲ୍ଲୀ ଆଇସିଆରଆଇଇଆରର ବୁଝାମଣାପତ୍ର ସ୍ୱାକ୍ଷର

# ଅନ୍ତର୍ଜାତୀୟ ଅର୍ଥନୈତିକ ସମ୍ପର୍କ ଉପରେ ହେବ ଅଧିକ ଅନୁସନ୍ଧାନ

ବାଲେଶ୍ୱର, ୩।୫ (ସମିସ): ଛାତ୍ରଛାତ୍ରୀଙ୍କୁ ନୂତନ ବିଷୟବସ୍ତୁକୁ ନେଇ ଗବେଷଣା ଦିଗରେ ଉତ୍ସାହିତ କରିବାର ପ୍ରୟାସ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ 'ଆନ୍ତର୍ଜାତୀୟ ଅର୍ଥନୈତିକ ସମ୍ପର୍କ ଉପରେ ଅନୁସନ୍ଧାନ ପାଇଁ ଭାରତୀୟ ପରିଷଦ' (ଆଇ.ସି.ଆର.ଆଇ.ଇ.ଆର), ନୂଆଦିଲ୍ଲୀର ଏକ ବୁଝାମଣାପତ୍ର ସ୍ୱାକ୍ଷର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମୀନା ଦାସଙ୍କ ଉପସ୍ଥିତିରେ ଆଇ.ସି. ଆର.ଆଇ.ଇ.ଆର ତରଫରୁ ଦୀପକ ମିଶ୍ରା, ମାନସୀ କେଡ଼ିଆ, ଆରତୀ ରେଡ଼ି, କ୍ରୀତିକା ରାମନାଥ ପ୍ରମୁଖ ଏହି ସ୍ୱାକ୍ଷର ବୈଠକରେ ଯୋଗ ଦେଇଥିଲେ। ଏହି ବୁଝାମଣାପତ୍ର ସ୍ୱାକ୍ଷରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗବେଷଣାତ୍ମକସନ୍ଦର୍ଭ, ସେମିନାର ମାଧ୍ୟମରେ ଅଧ୍ୟାପକ-ଅଧ୍ୟାପିକାଙ୍କ ସହ ପାରସ୍ପରିକ ସୂଚନା ତଥ୍ୟର ଆଦାନପ୍ରଦାନ ଏବଂ ଓଡ଼ିଶାରେ ଆଇ.ସି. ଆର.ଆଇ.ଇ.ଆର ଦ୍ୱାରା ପରିଚାଳିତ ପ୍ରାସଙ୍ଗିକ ବିଶ୍ଳେଷଣରେ ଅଂଶଗ୍ରହଣ ମାଧ୍ୟମରେ ନୀତି ଅନୁସନ୍ଧାନରେ ସମସାମୟିକ ତଥା ଉଦୀୟମାନ ବିକାଶ ଉପରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ କ୍ଷେତ୍ର ପ୍ରଦାନ କରିବା। ଆଇ.ସି. ଆର.ଆଇ.ଇ.ଆର ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ଅନୁସନ୍ଧାନ ସହ ସଂଯୋଜିତ କରି ପ୍ରକୃତ ବିଶ୍ୱ ଅଭିଜ୍ଞତାକୁ ଲୋକଲୋଚନକୁ ଆଣିବା ସହିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାଙ୍କ ଅନୁସନ୍ଧାନ ସଂଲଗ୍ନ କରିବା ଏବଂ ଏହାର ଆଖପାଖ ସମ୍ପ୍ରଦାୟ ସହିତ ଯୋଗାଯୋଗ ମାଧ୍ୟମରେ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ବୁଝାମଣାପତ୍ରର ସ୍?ାକ୍ଷର ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହିତ ଆଇ.ସି.ଆର.ଆଇ.ଇ.ଆର ଆବଶ୍ୟକତା, ଉପଯୁକ୍ତତା ଏବଂ ଛାତ୍ରଛାତ୍ରୀମାନଙ୍କ ଯୋଗ୍ୟତାକୁ ଆଧାର କରି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଇଣ୍ଟର୍ନସିପ୍ ସୁଯୋଗ ବିଷୟରେ ବିଚାର କରିବା ନେଇ ଉଲ୍ଲେଖ କରାଯାଇଛି। ଏଥିସହ 'ୟୁ.ପି.ଆଇ ଆକ୍ସେସିବିଲିଟି ସୁବିଧାଜନକ ଏବଂ ସମସ୍ତଙ୍କ ପାଇଁ ସୁରକ୍ଷିତ ବିଷୟ ଉପରେ ଏକ ଅଧ୍ୟୟନ ପାଇଁ ଦୁଇ ଅନୁଷ୍ଠାନର ସହଯୋଗାନକ ପାଇଲଟ୍ ସର୍ଭେକୁ ବିଶ୍ୱବିଦ୍ୟାଳୟର ନିକଟସ୍ଥ ଦୁଇଟି ଗ୍ରାମ/ ସହରରେ କାର୍ଯ୍ୟକାରୀ କରାଯିବା ନେଇ ସ୍ଥିର ହୋଇଛି। ଷ୍ଟେଟ୍ ଅଫ୍ ଇଣ୍ଡିଆର ଡିଜିଟାଲ୍ ଇକୋନୋମି ରିପୋର୍ଟ ଉପରେ ଆଇ.ସି.ଆର.ଆଇ.ଇ.ଆର ବିଶେଷଜ୍ଞ ମାନଙ୍କ ଦ୍ୱାରା ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ଦକ୍ଷତା ବିକାଶ ପାଇଁ ତଥା କ୍ୟାରିୟର ଗଠନ ଏବଂ ଚାକିରି ଅନୁସନ୍ଧାନ ସମ୍ପର୍କରେ ଗବେଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ସ୍ଥାପନର ସୁଯୋଗ ଲାଭ ମିଳିବା ନେଇ ଆଶାପୋଷଣ କରାଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉପସ୍ଥିତ ବିଭିନ୍ନ ବିଭାଗ ମୁଖ୍ୟଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ସଫଳ ରୂପାୟନ ନେଇ ଆଶାବ୍ୟକ୍ତ କରିଥିଲେ।



## ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂତନ ପ୍ରୟାସ

# ବଜ୍ରପାତ ପ୍ରବଣ ବାଲେଶ୍ୱରରେ ହେବ ବ୍ୟାପକ ସଚେତନତା

ବାଲେଶ୍ୱର, ୩।୫(ସମିସ):

ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଓ ମହାବିଦ୍ୟାଳୟ ବିକାଶ ପରିଷଦର ମିଳିତ ସହଯୋଗରେ ଜାତୀୟ ସେବା ଯୋଜନା ବିଭାଗ ଦ୍ୱାରା ଆୟୋଜିତ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାର ପ୍ରମୁଖ ଉଦ୍ଦେଶ୍ୟ 'ସୁଦକ୍ଷ ପ୍ରଶିକ୍ଷକମାନଙ୍କୁ ସଶକ୍ତ କରିବା: ବଜ୍ରପାତ ଠାରୁ ସୁରକ୍ଷା ଏବଂ ଶୂନ୍ୟ କାଜୁଆଲିଟି/ ଦୁର୍ଘଟଣା ପାଇଁ ପଦକ୍ଷେପ'କୁ ନେଇ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କର୍ମଶାଳାଟି ଆରମ୍ଭ ହୋଇଥିଲା। ନିଜ ଅଭିଭାଷଣରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କୁ ଏହି କର୍ମଶାଳାର ନିଷ୍କର୍ଷକୁ କାର୍ଯ୍ୟରେ ପରିଣତ କରିବା ତଥା ମୟୂରଭଞ୍ଜ ଓ ବାଲେଶ୍ୱର ଭଳି ବଜ୍ରପାତ ପ୍ରବଣ ଅଞ୍ଚଳ ଅନ୍ତର୍ଗତ ଅନ୍ତତଃ ୧୦ଟି ନିକଟସ୍ଥ ଗ୍ରାମକୁ ଯାଇ ବଜ୍ରପାତଠାରୁ ନିଜର ଜୀବନ ତଥା ପଶୁ ସମ୍ପଦର ରକ୍ଷା କରିବାର ଉପାୟ ଶିକ୍ଷା ଦେବାର ଦାୟିତ୍ୱ ନିର୍ବାହ କରିବା ଉଚିତ ବୋଲି ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ ସଚେତନତା, ଶିକ୍ଷା ଏବଂ ସମାଜର ଶେଷ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ହେଉଛି ଏହି କର୍ମଶାଳାର ଉଦ୍ଦେଶ୍ୟ ବୋଲି ଉଲ୍ଲେଖ କରିଥିଲେ। ଏଥିସହିତ ଭାରତୀୟ ପାଣିପାଗ ବିଭାଗର ପୂର୍ବତନ ମହାନିର୍ଦ୍ଦେଶକ ଡ. କେ.ଜେ ରମେଶ ଆଭାସୀ ମାଧ୍ୟମ ରେ ଯୋଗଦେଇ ନିଜର ଉଦବୋଧନରେ ଏଭଳି କର୍ମଶାଳାର ଆୟୋଜନ ବିଶ୍ୱବିଦ୍ୟାଳୟର ଏକ ଉତ୍ତମ ପ୍ରୟାସ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାଜକୁ ନିଶ୍ଚିତ ରୂପେ ସହଯୋଗ କରିବା ନେଇ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଜାତୀୟ ସେବା ଯୋଜନା, ବାଲେଶ୍ୱରର ଡିପିଓ, ଗୌରାଙ୍ଗ ପଣ୍ଡା ଯୋଗଦେଇ ଉପସ୍ଥିତ ସମସ୍ତ ପ୍ରୋଗ୍ରାମ ଅଫିସର, ଏନଏସଏସ ସଂଯୋଜକ ଓ ସ୍ୱେଚ୍ଛାସେବୀଙ୍କୁ ଉଦବୋଧନ ଦେଇ ସାମାଜିକ ଗୋଷ୍ଠୀଗୁଡ଼ିକ ପାଖରେ ପହଞ୍ଚି ସଠିକ ସଚେତନତାର ବାର୍ତ୍ତା ଦେବା ଓ ଜୀବନ ରକ୍ଷକ ସାଜିବାକୁ ଆହ୍ୱାନ ଦେଇଥିଲେ। କର୍ମଶାଳାରେ ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୧୦୦ ଜଣ ଏନଏସଏସ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଏବେ ୧୮୦ ସ୍ୱେଚ୍ଛାସେବୀ ବାଲେଶ୍ୱରରେ ପ୍ରଶିକ୍ଷକ। ଏହି ପ୍ରଶିକ୍ଷକମାନେ ହେଉଛନ୍ତି ଏନ୍ ଏସ୍ ଏସ୍ ସ୍ୱେଚ୍ଛାସେବୀ ଯେଉଁମାନେ ଗ୍ରାମବାସୀଙ୍କୁ ତାଲିମ ଦେବା ପାଇଁ ଗ୍ରାମକୁ ଗ୍ରହଣ କରିବେ। ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ର କର୍ମଶାଳାର ପ୍ରମୁଖ ଉଦ୍ଦେଶ୍ୟ ସମ୍ପର୍କିତ ଅବଗତ କରାଇଥିଲେ। ପ୍ରୋଗ୍ରାମ ଅଫିସର ଡ. ପ୍ରତିମା ପ୍ରଧାନ କର୍ମଶାଳା ସମ୍ପର୍କିତ ତଥ୍ୟ ଓ କାର୍ଯ୍ୟକ୍ରମର ସଞ୍ଚାଳନା କରିଥିଲେ ଓ ଏନଏସଏସର ପ୍ରୋଗ୍ରାମ ଅଫିସର ଡ଼କ୍ଟର ଜଗନ୍ନାଥ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।




# ରୋଟାରୀ ଜିଲ୍ଲା ଗଭର୍ଣ୍ଣରଙ୍କ ରୋଟାରୀ କ୍ଲବ୍ ବାଲେଶ୍ୱର ଅନ୍ ସି ପରିଦର୍ଶନ




ବାଲେଶ୍ୱର, ୩।୫ (ସମିସ): ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ବାଲେଶ୍ୱର ଗସ୍ତରେ ଆସି ରୋଟାରୀ କ୍ଲବ୍ ବାଲେଶ୍ୱର ଅନ ସି ପରିଦର୍ଶନ ସହ କ୍ଲବ୍‌ର ବିଭିନ୍ନ ସେବାମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଉଦ୍ୟୋଗ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମତୀ ମହାନ୍ତି ଯୋଗଦେଇ ରୋଟାରୀ କ୍ଲବ୍ ବାଲେଶ୍ୱର ଅନ ସି ପକ୍ଷରୁ ଜାରି ରହିଥିବା ବିଭିନ୍ନ ସେବା କାର୍ଯ୍ୟକ୍ରମ ଓ ଭବିଷ୍ୟତର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ୨୦୨୩-୨୪ ବର୍ଷରେ ବାଲେଶ୍ୱର ଜିଲ୍ଲାରେ ରୋଟାରୀ କ୍ଲବ୍ ବାଲେଶ୍ୱର ଅନ ସି ପକ୍ଷରୁ ଜାରି ରହିଥିବା ସେବାମୂଳକ କାର୍ଯ୍ୟ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିଛି ବୋଲି ସେ କହିଥିଲେ। ତେବେ ଏହି କ୍ଲବରେ ସଂଖ୍ୟାଧିକ ମହିଳା ସଦସ୍ୟାଙ୍କ ଯୋଗଦାନକୁ ସ୍ୱାଗତ ସହ ସାମ୍ଭାବ୍ୟ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ପାଇଁ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଜିଲ୍ଲା ଗଭର୍ଣ୍ଣର ଶ୍ରୀମତୀ ମହାନ୍ତି ପରାମର୍ଶ ଦେଇଥିଲେ। ରୋଟାରୀ ଆସିଷ୍ଟାଂଟ୍ ଜିଲ୍ଲା ଗଭର୍ଣ୍ଣର ଆୟୁଷ ଜଶୋରିଆ ଓ ଓସିଭି ଚେୟାରମ୍ୟାନ କୁଞ୍ଜବିହାରୀ ଜେନା ଅତିଥି ଭାବେ ଯୋଗଦେଇ ରୋଟାରୀ କ୍ଲବ୍ ବାଲେଶ୍ୱର ଅନ ସିର ସେବାମୂଳକ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। କ୍ଲବ୍‌ର ସଭାପତି ଅରୁଣ ରାଠୀ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୱ କରିଥିଲେ। ସମ୍ପାଦକ ମୋହିତ ପୋଦ୍ଦାର ବିବରଣୀ ଉପସ୍ଥାପନ କରିଥିଲେ। କ୍ଲବ୍‌ର ପୂର୍ବତନ ସଭାପତି ହର୍ଷ ଗୁପ୍ତା ଅତିଥିଙ୍କୁ ମଞ୍ଚ ଆହ୍ୱାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

### ବିଭିନ୍ନ ୱାର୍ଡର ନେତାମାନଙ୍କୁ ନେଇ ବିଜେଡିର ବୈଠକ

# ନିର୍ବାଚନ ରଣନୀତି ଉପରେ ଆଲୋଚନା




ବାଲେଶ୍ୱର, ୩।୫(ସମିସ): ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ବାଲେଶ୍ୱର ନଗର ବିଜେଡି କମିଟି ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ପୌରପାଳିକାର ବିଭିନ୍ନ ୱାର୍ଡର ନେତୃତ୍ୱ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେଡି ନଗର କମିଟିର ସଭାପତି ସନତ କୁମାର ଦାସ ସଭାପତିତ୍ୱ କରିଥିଲେ। ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବିଜେଡି ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାର ଏବଂ ସଦର ବିଧାନସଭା କ୍ଷେତ୍ରର ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସ ଏହି ବୈଠକରେ ଯୋଗଦେଇ ବାଲେଶ୍ୱର ସହରର ବହୁବିଧ ସମସ୍ୟା ଉପରେ ଉପସ୍ଥିତ ବିଭିନ୍ନ ୱାର୍ଡର ନେତୃତ୍ୱ ମାନଙ୍କ ସହିତ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାରରେ ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାରରେ ପୌରପାଳିକାର ପ୍ରତ୍ୟେକ ୱାର୍ଡକୁ ଯାଇ ବିଜେଡିର କର୍ମୀ ଓ ନେତୃତ୍ୱ ମାନଙ୍କ ସହିତ ସେହି ୱାର୍ଡର ସମସ୍ୟା ବାବଦରେ ଆଲୋଚନା କରାଯିବ ବୋଲି ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ କହିଥିଲେ। ବାଲେଶ୍ୱରର ଉନ୍ନତି ଓ ପ୍ରଗତିକୁ ନେଇ ବୈଠକରେ ଉପସ୍ଥିତ ୱାର୍ଡ ସ୍ତରୀୟ ନେତୃ ମଣ୍ଡଳୀଙ୍କ ଦାୟିତ୍ୱବୋଧତା ଦେଖି ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ଉତ୍ସାହିତ ହୋଇଥିଲେ। ଆଗାମୀ ଦିନରେ ଫକୀରମୋହନଙ୍କ ମାଟି ବାଲେଶ୍ୱର ବାସୀଙ୍କ ସେବା କରିବା ପାଇଁ ଚଳିତ ନିର୍ବାଚନ ବୈତରଣୀ ପାରିହେବା ଲାଗି ଦଳୀୟ ନେତା ଓ କର୍ମୀ ମାନଙ୍କ ସମର୍ଥନ, ସହାୟକ ହେବ ବୋଲି ଲେଖାଶ୍ରୀ କହିଥିଲେ। ବିଭିନ୍ନ ଦଳୀୟ ଓ ବ୍ୟକ୍ତିଗତ କାରଣକୁ ନେଇ ବୈଠକରେ ଉପସ୍ଥିତ ଥିବା ଅସନ୍ତୁଷ୍ଟ ୱାର୍ଡ ସ୍ତରୀୟ ନେତା ଓ କର୍ମୀ ମାନଙ୍କ ସହିତ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀ ଆଲୋଚନା ପୂର୍ବକ ସେମାନଙ୍କୁ ସନ୍ତୁଷ୍ଟ କରି ପୂର୍ଣ୍ଣ ସମର୍ଥନ ଦେବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ଓ ବାଲେଶ୍ୱରର ବିକାଶ କ୍ଷେତ୍ରରେ ସର୍ବଜନ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ବୈଠକରେ ଉପସ୍ଥିତ ବିଜୁ ଜନତା ଦଳର ତୃଣମୂଳ ସ୍ତରର ନେତା ଓ କର୍ମୀ ମାନଙ୍କୁ ଉଭୟ ପ୍ରାର୍ଥୀ ଦ୍ୱୟ ନିବେଦନ କରିଥିଲେ। ପରେ ଏହି ବୈଠକରେ ନବୀନ ଓଡ଼ିଶା ଆମ ଓଡ଼ିଶାର ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ବାଗ, ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ସାଂସଦ ପ୍ରାର୍ଥୀଙ୍କ ସଂଯୋଜକ ମାନସ ଦାସ ପଟ୍ଟନାୟକ ସମେତ ପୌରପାଳିକାର ବିଜେଡି ସମର୍ଥିତ ସମସ୍ତ ୱାର୍ଡ କାଉନସିଲର ମାନଙ୍କ ପକ୍ଷରୁ ଚଳିତ ନିର୍ବାଚନର ରଣ କୌଶଳ ଓ ରଣନୀତି ଉପରେ ଆଲୋଚନା କରିଥିଲେ। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ମୂଳକ ପ୍ରକଳ୍ପ ଓ ଯୋଜନା ବାବଦରେ ମତଦାତାମାନଙ୍କୁ ବୁଝାଇ, ପ୍ରତିପକ୍ଷ ବିପକ୍ଷ ରାଜନୈତିକ ଦଳର ପ୍ରାର୍ଥୀ ମାନଙ୍କୁ ନିର୍ବାଚନୀ ରଣଭୂମିରେ ପ୍ରତିହତ କରିହେବ ବୋଲି ବିଧାୟକ ଓ ସାଂସଦ ପ୍ରାର୍ଥୀ ଉପସ୍ଥିତ ସମସ୍ତ ଦଳୀୟ ନେତୃ ମଣ୍ଡଳୀଙ୍କୁ ପରାମର୍ଶ ଦେଇଥିଲେ।




# ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ସତ୍ୟର ସମାବେଶ



ବାଲିଆପାଳ/ବଳରାମପୁର, ୩।୫ (ସମିସ) : ବାଲିଆପାଳ ବ୍ଲକ ଖଗଡ଼ାପାଳ ଶିବମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସନ୍ଧ୍ୟାରେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ଜୟ ବାଲିଆପାଳ ସତ୍ୟର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ମଞ୍ଚ ପକ୍ଷରୁ ପୁରୁଣା ବସଷ୍ଟାଣ୍ଡ ପାଖରୁ ବାହାରି ବିଶାଳ ବାଇକ ରାଲି କରି ଜାମକୁଣ୍ଡା ଛକ, ବ୍ଲକ ଛକ, ସିମୁଳିଆ ମାର୍କେଟ ଓ ଜଗନ୍ନାଥ ମନ୍ଦିର ଦେଇ ଖଗଡ଼ାପାଳ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ପରେ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଦେବାଶିଷ ପାତ୍ର ସଭାପତିତ୍ୱ କରିଥିବା ବେଳେ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି ସ୍ୱାଗତ ଭାଷଣ ଦେବା ସହିତ ବାଲିଆପାଳ ସୂତା କଳର ପୁନରୁଦ୍ଧାର, ଶୀତଳ ଭଣ୍ଡାର ନିର୍ମାଣ, ଡଗରା ବେଳା ଭୂମିର ଉନ୍ନତି କରଣ, ସବ୍ ଟ୍ରେଜେରୀ ପ୍ରତିଷ୍ଠା, ସୁବର୍ଣ୍ଣ ରେଖା ନଦୀର ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସେ ଲଢେଇ କରିବେ ବୋଲି କହିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ସତ୍ୟକାମ ବାଲିଆପାଳର ସ୍ୱାର୍ଥ ଦୃଷ୍ଟିରୁ ରାଜନୀତିକୁ ଓହ୍ଲାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ରିଙ୍କୁ ରଞ୍ଜନ କର, ଗୌତମ ଅଣ୍ଡିଆ, ବିକ୍ରମ୍ କେଶରୀ ଦେ, ପ୍ରଦୀପ କୁମାର ଜେନା ପ୍ରମୁଖ ଅଭିଭାଷଣରେ କହି ଥିଲେ। କୃଷ୍ଣ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଟାରୀ କ୍ଲବ୍ ଗଭର୍ଣ୍ଣରଙ୍କ ବାଲେଶ୍ୱର ରୋଟାରୀ କ୍ଲବ ପରିଦର୍ଶନ




ବାଲେଶ୍ୱର, ୩।୫(ସମିସ): ରୋଟାରୀ କ୍ଲବ୍ ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ବାଲେଶ୍ୱର ରୋଟାରୀ କ୍ଲବ ପରିଦର୍ଶନରେ ଆସି କ୍ଲବର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ପ୍ରଥମେ କ୍ଲବର ପୋଷ୍ୟ ଗ୍ରାମ ଶ୍ରୀକୋଣା ଗସ୍ତ କରିଥିଲେ। ସେଠାରେ ବିଦ୍ୟାଳୟ ବୁଲିବା ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁନି କୁନି ପିଲାଙ୍କୁ ସ୍କୁଲ ୟୁନିଫର୍ମ ଓ ପାଠ ଉପକରଣ ବଣ୍ଟନ କରାଯାଇଥିଲା। ପରେ ସାହୁପଡ଼ାଠାରେ କ୍ଲବ ପକ୍ଷରୁ ହୋଇଥିବା ଗ୍ରାମ୍ୟ ଜଙ୍ଗଲ ପ୍ରୋଜେକ୍ଟ ବୁଲି ଦେଖିଥିଲେ। ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ ରୋଟ୍ରାକ୍ଟ କ୍ଲବ ଖୋଲାଯାଇଥିଲା। ରୋ. ଭି ଉଦୟ କୁମାରଙ୍କ ସଂଯୋଜନାରେ ଏକ ସଭା କ୍ଲବ ସଭାପତି ପ୍ରଦୀପ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜୟଶ୍ରୀ ପୋଲିଓ ମୁକ୍ତ କାର୍ଯ୍ୟକ୍ରମର ସଫଳତା ପରେ ଏକ ନିରକ୍ଷରତା ଦୂରୀକରଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଜଣାଇଥିଲେ। ରୋ. କୁଞ୍ଜ ବିହାରୀ ଜେନା କ୍ଲବର ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ପ୍ରଶଂସା କରିଥିଲେ। ଏହି ଅବସରରେ ନୂତନ କରି ସଦସ୍ୟତା ଗ୍ରହଣ କରିଥିବା ୧୨ଜଣ ସଦସ୍ୟଙ୍କୁ ଜିଲ୍ଲା ଗଭର୍ଣ୍ଣର ଶପଥ ପାଠ କରାଇଥିଲେ। ୨୫ ବର୍ଷ ଧରି ନିରନ୍ତର ରୋଟାରୀ କ୍ଷେତ୍ରରେ ସେବା ପ୍ରଦାନ କରିଥିବା ୧୩ ଜଣ ସଦସ୍ୟଙ୍କୁ ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କ୍ଲବର ସମ୍ପାଦକ ସୁଧାଂଶୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରାକ୍ତନ ଡିଜି ଶାନ୍ତନୁ ପାଣି ଓ ରୋ. ତନ୍ମୟ ମହାନ୍ତି ଉପସ୍ଥିତ ଥିଲେ।

# ଥାନାରେ ଅଭିଯୋଗ କଲେ ଉଦଳା ବିଧାୟକ

ବାରିପଦା/ଉଦଳା, ୩।୫(ସମିସ): ଉଦଳା ବିଧାୟକ ଭାସ୍କର ମଢେଇଙ୍କ ବିରୋଧରେ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ଓ ଧମକ ଚମକ ଦେବା ଘଟଣାରେ ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି। ଚଳିତ ନିର୍ବାଚନରେ ବିଜେପି ପକ୍ଷରୁ ଉଦଳା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବରେ ତାଙ୍କୁ ପୁନର୍ବାର ବିଜେପିର ଘୋଷଣା ପରେ କେତେକ ବ୍ୟକ୍ତି ବିଶେଷ ତାଙ୍କ ଉପରେ ରାଜନୈତିକ ଆକ୍ରୋଶ ରଖି ଟିକଟ କାଟିବାକୁ ଉଦ୍ୟମ କରୁଥିବାର ସେ ଅଭିଯୋଗ କରିଛନ୍ତି। ଗତ ଏପ୍ରିଲ ୩୦ ତାରିଖରେ ସୋସିଆଲ ମିଡିଆରେ ଭିଡିଓ ପ୍ରଘଟ ହୋଇଥିବାର ସେ ଦେଖିଥିଲେ। ତେବେ ଉକ୍ତ ଫେସବୁକ ଆକାଉଣ୍ଟର ମାଲିକ କିଏ ଓ କେଉଁମାନେ ଉକ୍ତ ଭିଡିଓ କରି ପ୍ରଘଟ କରିଛନ୍ତି। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ଜଣାଇଛନ୍ତି। ଏହାକୁ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଅଳଙ୍କାର ଲୁଟେରାକୁ ରିମାଣ୍ଡରେ ନେଲା ପୁଲିସ



ବାଲେଶ୍ୱର ଉତ୍ତର, ୩।୫(ସମିସ): ଗହଣା ଦୋକାନ ଲୁଟ କରି ଗିରଫ ହୋଇଥିବା ଯୁବକଙ୍କୁ ରିମାଣ୍ଡରେ ଆଣି ପଚରା ଉଚରା କରୁଛନ୍ତି ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ। ଗିରଫ ଯୁବକ ଜଣକ ମହାରାଷ୍ଟ୍ରର ମୁସଲିମ ବଗହର ଜାଫର (୩୩)। ସେ ଭଦ୍ରକର ବାସୁଦେବପୁର ଇରମ ଷ୍ଟାଣ୍ଡ ନିକଟ ପିକେ ଜୁଏଲାରସରୁ ଲୁଟ ଅଭିଯୋଗରେ ଗିରଫ ହୋଇଛନ୍ତି। ବିବରଣୀରୁ ପ୍ରକାଶ, ଗତ ଫେବୃଆରୀ ୯ ତାରିଖରେ ବାଲେଶ୍ୱର ଜିଲ୍ଲା ଭୋଗରାଇର ଚନ୍ଦନେଶ୍ୱରରେ ଥିବା ରାଧାକୃଷ୍ଣ ଜୁଏଲାର୍ସରୁ ଦିନ ଦ୍ୱିପ୍ରହରରେ ଗ୍ରାହକ ବେଶରେ ଆସି ଲୁଟ କରିଥିଲେ। ଲୁଟର ଦୃଶ୍ୟ ଓ ଲୁଟେରାଙ୍କ ଫଟୋ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଦୋକାନରୁ ୧୬ଟି ସୁନାଚେନ ଯାହାର ମୂଲ୍ୟ ୧୦ଲକ୍ଷରୁ ଅଧିକ ହେବ ବୋଲି ଦୋକାନର ମାଲିକ ବନ ବିହାରୀ କାମିଲା ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ସାମୁଦ୍ରିକ ଥାନାରେ ମାମଲା ରୁଜୁ ହେବାସହ ତଦନ୍ତ ଜାରି ରହିଥିଲା। ତେବେ ବାସୁଦେବପୁର ପିକେ ଜୁଏଲାରସରୁ ଲୁଟ କରି ଗିରଫ ହେବା ପରେ ଖବର ପାଇବା ପରେ ରିମାଣ୍ଡରେ ଆଣି ପୁଲିସ ତଦନ୍ତ ଚଳାଇଛି।

# ବାରିପଦା ନିର୍ବାଚନମଣ୍ଡଳୀରେ ବଢ଼ିଲା ବିଜେଡିର ବଳ

ବାରିପଦା, ୩।୫(ସମିସ): ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ବିଜୁ ଜନତା ଦଳର ବଳ ସେତେ ବଢ଼ିବାରେ ଲାଗିଛି। ସ୍ୱତଃପ୍ରବୃତ ଭାବେ ବିଭିନ୍ନ ଦଳର ନେତୃମଣ୍ଡଳୀମାନେ ବିଜେଡିରେ ଯୋଗଦେଇ ସଂଗଠନକୁ ଆହୁରି ମଜବୁତ କରୁଛନ୍ତି। ଏହିକ୍ରମରେ ବାରିପଦା ନିର୍ବାଚନମଣ୍ଡଳୀର ଖୁଣ୍ଟା ବ୍ଲକର ବିଭିନ୍ନ ଦଳର ନେତୃବର୍ଗ ବିଜେଡିରେ ଯୋଗଦାନ କରିଛନ୍ତି। ଏନେଇ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କ ଉପସ୍ଥିତିରେ ପାଲବଣି ସ୍ଥିତ ବାସଭବନ ଠାରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ (ଜେଏମ୍ଏମ୍) ଖୁଣ୍ଟା ବ୍ଲକର ବରିଷ୍ଠ ନେତା ମଦନ ମୋହନ ମାର୍ଣ୍ଡି ଓ ବାଲେଶ୍ୱର ମୁର୍ମୁଙ୍କ ସମେତ ଅନେକ ସଂଖ୍ୟକ କର୍ମୀ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିରବଚ୍ଛିନ୍ନ ଭାବେ ବିକାଶ ମୂଳକ କାର୍ଯ୍ୟ ଓ ଜନହିତକର କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ସେମାନେ ଯୋଗଦେଇଛନ୍ତି। ବିଧାୟକ ପ୍ରାର୍ଥୀ ଶ୍ରୀ ମାର୍ଣ୍ଡିଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଥିଲେ। ଉକ୍ତ ମିଶ୍ରଣ ପର୍ବରେ ବାରିପଦା ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଭାତ ନାଏକଙ୍କ ସମେତ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବଡ଼ାଶରେ ବିଜେଡିର ମହିଳା ସମାବେଶ



ବାଲିଆପାଳ, ୩।୫(ସମିସ): ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତରେ ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଶତାଧିକ ମହିଳା ମାନଙ୍କୁ ନେଇ ଆୟୋଜିତ ମହିଳା ସମାବେଶରେ ମୁଖ୍ୟଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳାଙ୍କ ବିକାଶ ପାଇଁ ଗୃହୀତ ବଳିଷ୍ଠ ପଦକ୍ଷେପ ସମ୍ପର୍କରେ ମତ ରଖିଥିଲେ। ନବୀନ ପଟ୍ଟନାୟକଙ୍କୁ କ୍ରମାଗତ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ସମସ୍ତଙ୍କ ସହଯୋଗ କାମନା କରି ଭୋଟ ଭିକ୍ଷା କରିଥିଲେ। ପର୍ଯ୍ୟବେକ୍ଷକ ରବି ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ କୁମାର ଦତ୍ତ, ଶଙ୍କର ପ୍ରତାପ ରଣସିଂହ, ମନ୍ମଥ ପାତ୍ର, ଗଣେଶ ଚନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ଦେ, ଅନନ୍ତ କରଣ, ସଞ୍ଜୟ ରାଜ୍, ପିତାମ୍ବର ରାଉତ, ନିତ୍ୟାନନ୍ଦ ପ୍ରଧାନ, ସାର୍ଥକ ରଣଜିତ୍, ଅନନ୍ତ ଜେନା, ତାପସ ଦତ୍ତ, ସଚ୍ଚିନ୍ଦ୍ର ପ୍ରଧାନ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗଦେଇଥିଲେ। ସମାବେଶରେ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

### ଅନୈତିକ କାର୍ଯ୍ୟକୁ ନେଇ ପୁଲିସ ଉପରେ ଆକ୍ରମଣ ଘଟଣା

# ୯୦ ଜଣଙ୍କ ବିରୋଧରେ ମାମଲା ରୁଜୁକଲା ପୁଲିସ

ଭୋଗରାଇ, ୩।୫ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅନ୍ତର୍ଗତ ଲକ୍ଷ୍ମୀପାଟଣା ଗ୍ରାମରେ ଦୀର୍ଘ ଦିନ ଧରି ଚାଲିଥିବା ଦେହ ବ୍ୟବସାୟକୁ ନେଇ ବୁଧବାର ବିଳମ୍ବିତ ରାତିରେ ଏକ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ପୁଲିସ କର୍ମଚାରୀମାନେ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳର ଭିଡିଓ ଫୁଟେଜରୁ ୯୦ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହିତ ଏସପି ସାଗରିକା ନାଥଙ୍କ ନିର୍ଦ୍ଦେଶରେ ଭୋଗରାଇ ଥାନା ପୁଲିସ ସେମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଲକ୍ଷ୍ମୀପାଟଣା ଗ୍ରାମର ଅର୍ଜୁନ ବେହେରାଙ୍କ କୁଡ଼ିଆ ଘରେ ଦୀର୍ଘଦିନ ଧରି ଦେହ ବ୍ୟବସାୟ ଚାଲିଆସୁଥିବା ନେଇ ଗ୍ରାମବାସୀ ମାନେ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଗାଁ ଗାଁ ବୁଲି ରଙ୍ଗ ସିନ୍ଦୁର ବେପାର କରୁଥିବା ଜନୈକ ବଙ୍ଗୀୟ ଯୁବକ ବିଭିନ୍ନ ସ୍ଥାନରୁ ମହିଳା ଓ ଯୁବତୀଙ୍କୁ ଆଣି ଏଠାରେ ଦେହ ବ୍ୟବସାୟ ଚଳାଇଥିବା ଅଭିଯୋଗ ହୋଇଆସୁଥିଲା। ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଏ ନେଇ ବୁଧବାର ବିଳମ୍ବିତ ରାତିରେ ସେଠାରେ ଏକ ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମର ଶତାଧିକ ମହିଳା ସଂଘବଦ୍ଧ ଭାବେ ସମ୍ପୃକ୍ତ କୁଡ଼ିଆ ଘରେ ଅଚାନକ ଚଢ଼ାଉ କରି ଅସଂଯତ ଅବସ୍ଥାରେ ଥିବା ୨ ମହିଳା ଓ ୨ ଯୁବକକୁ କାବୁ କରି ଏକ ଗଛରେ ବାନ୍ଧି ନିର୍ଘୁମ ଛେଚି ଥିଲେ। ସୂଚନା ପାଇ ଭୋଗରାଇ ଥାନା ଏଏସଆଇ ଗତିକୃଷ୍ଣ ଜେନାଙ୍କ ନେତୃତ୍ୱରେ ୫ ଜଣ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛରେ ବନ୍ଧା ହୋଇଥିବା ସମ୍ପୃକ୍ତ ମହିଳା ଓ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେବା ପାଇଁ ପ୍ରୟାସ କରିଥିଲେ। ତେବେ ଏହି ଅନୈତିକ କାର୍ଯ୍ୟ ପାଇଁ ଘର ଯୋଗାଇ ଦେଇଥିବା ଗୃହ ମାଲିକ ଅର୍ଜୁନ ଏବଂ ଦେହ ବ୍ୟବସାୟ ଚଳାଇଥିବା ବଙ୍ଗୀୟ ରଙ୍ଗ ସିନ୍ଦୂର ବ୍ୟବସାୟୀକୁ ପ୍ରଥମେ ଗିରଫ କରିବା ଦାବିରେ ସ୍ଥାନୀୟ ୫ ଶହରୁ



ଅଧିକ ଗ୍ରାମବାସୀ ପୁଲିସ କର୍ମଚାରୀଙ୍କୁ ଦୀର୍ଘ ସମୟ ଅଟକ ରଖିଥିଲେ। ଏହାସହିତ ପୁଲିସ ଗାଡି ପଛ ଚକରୁ ପବନ ବାହାର କରିଦେବା ସହିତ ଗାଡିର ଝରକା ଭାଙ୍ଗିଥିଲେ। ପରେ ପୁଲିସ କର୍ମଚାରୀ ମାନଙ୍କୁ ଆକ୍ରମଣ କରିବା ସହିତ ସେମାନଙ୍କ ପୋଷାକ ପତ୍ର ଛିଣ୍ଡି ଦେଇଥିଲେ। ଖବର ପାଇ ଭୋଗରାଇ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ୨ ଯୁବତୀ ଓ ୨ ଯୁବକକୁ ଉଦ୍ଧାର କରିବା ସହିତ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ପୁଲିସ କର୍ମଚାରୀ ମାନଙ୍କୁ ମୁକୁଳାଇ ଥାନାକୁ ଆଣିଥିଲେ। ଗୁରୁବାର ସମ୍ପୃକ୍ତ ୨ ଯୁବତୀ ଓ ୨ ଯୁବକଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିବା ବେଳେ ଅଧିକ ତଦନ୍ତ ପାଇଁ ସେମାନଙ୍କୁ ଥାନାରେ ଅଟକ ରଖାଯାଇ ଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ପୁଲିସ କର୍ମଚାରୀଙ୍କ ଲିଖିତ ଅଭିଯୋଗ କ୍ରମେ ଏବଂ ଘଟଣାସ୍ଥଳର ଭିଡିଓ ଫୁଟେଜ ଆଧାରରେ ୯୦ ଜଣ ଗ୍ରାମବାସୀଙ୍କ ବିରୋଧରେ ଭୋଗରାଇ ଥାନା କେସ ନଂ ୨୦୧/୨୪ ରେ ପୁଲିସ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ଏହି ମାମଲା ରୁଜୁ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

**ବସ୍ତା ହସ୍ପିଟାଲରେ ଅଘଟଣ**

# ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**ବସ୍ତା ବ୍ଲକ, ୩।୫ (ସମିସ) :** ବାଲେଶ୍ୱର ଜିଲ୍ଲା ବସ୍ତା ହସ୍ପିଟାଲ ପରିସରରେ ବିଦ୍ୟୁତ୍ ମରାମତି କାର୍ଯ୍ୟ ଚାଲିଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜନୈକ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି । ଠିକାଦାରଙ୍କ ଦାୟିତ୍ୱହୀନତା ପାଇଁ ଜଣେ ଗରିବ ଶ୍ରମିକ ଙ୍କ ଜୀବନ ହାନି ଘଟିଥିବା ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ହସ୍ପିଟାଲ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଶୁକ୍ରବାର ଅପରାହ୍ନରେ ବସ୍ତା ହସ୍ପିଟାଲ ରେ ବିଦ୍ୟୁତ ମରାମତି କାର୍ଯ୍ୟ ଚାଲିଥିଲା । ଆର୍ ଡି ଠାରୁ ଟେଣ୍ଡର ନେଇ ବାଲେଶ୍ୱରର ଜଣେ ଠିକାଦାର ଏହି କାର୍ଯ୍ୟ କରୁଥିଲେ । ହଠାତ ଖୁଣ୍ଟ ଉପରେ ଚଢି କାର୍ଯ୍ୟ କରୁଥିବା ଶ୍ରମିକ ବିଦ୍ୟୁତ୍ ଆଘାତ ପାଇ ଖୁଣ୍ଟରେ ଝୁଲି ପଡ଼ିଥିଲେ । ତୁରନ୍ତ ଏଲେକ୍ଟ୍ରି ସଂଯୋଗ ବିଚ୍ଛିନ୍ନ କରାଯାଇ ଶ୍ରମିକଙ୍କୁ ସାଥି ଶ୍ରମିକ ଖୁଣ୍ଟରୁ ଓହ୍ଲାଇ ବସ୍ତା ହସ୍ପିଟାଲ ରେ ଭର୍ତ୍ତି କରି ଥିଲେ । ମାତ୍ର ସେତେବେଳେକୁ ତାର ମୃତ୍ୟୁ ହୋଇ ସାରିଥିଲା । ମୃତ ଶ୍ରମିକ ଜଣଙ୍କ ବାଲେଶ୍ୱର ରଣସାହି ଅଞ୍ଚଳର କାଳୀ ଚରଣ ମାଝୀ (୨୮) ବୋଲି ଜଣା ପଡ଼ିଛି । ଲାଇନ୍ ନ କାଟି ବେପରୁଆ ଭାବରେ ଏହି କାର୍ଯ୍ୟ ହେଉଥିବା ଲୋକେ ଅଭିଯୋଗ କରି ଉପସ୍ଥିତ ଠିକାଦାର ଙ୍କ ଉପରେ ବର୍ଷି ଥିଲେ । ଉତ୍ତେଜନା ପ୍ରକାଶ ପାଇବା ପରେ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଉକ୍ତ ଶ୍ରମିକଙ୍କୁ କ୍ଷତିପୂରଣ ଦେବା ସହ ଠିକାଦାର ଉପରେ ଦୃଢ କାର୍ଯାନୁଷ୍ଠାନ ଦାବି ହୋଇଛି ।

# ୨୬ ଲକ୍ଷ ଟଙ୍କାର ବ୍ରାଉନ୍ସୁଗର ଜବତ

**ଜଳେଶ୍ୱର ବ୍ଲକ, ୩।୫ (ସମିସ):**



ଏକାଧିକ ମାମଲାରେ ଜଡିତ ବ୍ୟକ୍ତି ଗିରଫ

ପଶ୍ଚିମବଙ୍ଗରୁ ବ୍ରାଉନ୍ସୁଗର ଆଣି ବିକ୍ରିଲାଗି ଉଦ୍ୟତ ଯୁବକ ସେକ୍ ତାହିରୁଦ୍ଦିନକୁ ପୁଲିସ୍ ଗିରଫ କରିବାରେ ସଫଳ ହୋଇଛି । ପୂର୍ବରୁ ସେ ଏପରି କାରବାରରେ ଜଡିତ ଥିବା ବେଳେ ଆଜି ତା ଠାରୁ ୨୬୪ ଗ୍ରାମ ବ୍ରାଉନ୍ସୁଗର, ୧ଟି ସ୍କୁଟି, ୨ଟି ଏଟିଏମ୍ କାର୍ଡ, ନଗଦ ୧୪ଶହ ଟଙ୍କା ଗୋଟିଏ ମୋବାଇଲ ଜବତ୍ ହୋଇଥିବା ଆଜି ଅପରାହ୍ନରେ ବାଲେଶ୍ୱର ଏସ୍ପି ସାଗରିକା ନାଥ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ଗ୍ରାମର ସେକ୍ ତାହିରୁଦ୍ଦିନ (୩୯) ଆଜି ସକାଳେ ଆମ୍ବଲିଅଠା ଛକଠାରେ ବ୍ରାଉନ୍ସୁଗର ଧରି ଗରାଖ ଅପେକ୍ଷାରେ ଥିବା ବେଳେ ପୂର୍ବସୂଚନା ଅନୁଯାୟୀ ଜଳେଶ୍ୱର ଆଇଆଇସି ରଞ୍ଜନ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଯୁବକକୁ କାବୁ କରିଥିଲେ । ତା ଠାରୁ ୨୬ଲକ୍ଷ ଟଙ୍କାର ୨୬୪ ଗ୍ରାମ ବ୍ରାଉନ୍ସୁଗର, ୨ଟି ଏଟିଏମ୍ କାର୍ଡ, ନଗଦ ୧୪ଶହ ଟଙ୍କା, ଏକ ମୋବାଇଲ ଫୋନ ସହିତ ଏକ ସ୍କୁଟି ପୁଲିସ୍ ଜବତ୍ କରିଥିବା ଜଣାଯାଇଛି । ଅଭିଯୁକ୍ତ ଜଣକ ପୂର୍ବରୁ କେସ୍ ନଂ ୨୫୨ ତା ୩-୭-୨୨ରେ ମଧ୍ୟ ଜଡିତ ଥିବା ଜଣାଯାଇଛି । ସୂଚନାଯୋଗ୍ୟ ଗତ ଫେବୃଆରୀ ୨୦୨୩ରେ ଆଣ୍ଟି ନାର୍କୋଟିଙ୍ଗ ଟିମ୍ ଗଠନ ହେବାପରଠାରୁ ଜିଲାର ୫୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ୪କି. ଗ୍ରା ଧଳା ଜହର ଜବତ୍ ହୋଇଥିବା ବେଳେ ଜଳେଶ୍ୱର ଥାନାର ୨୨ଜଣ ଅଭିଯୁକ୍ତ ଜେଲରେ ଥିବା ସମ୍ପର୍କରେ ସେ ସୂଚନା ଦେଇଛନ୍ତି ।

## ପୋଚ ନଷ୍ଟ ସହ ଦେଶୀ ମଦ ଜବତ, ୩ ଗିରଫ

**ସୋର, ୩।୫(ସମିସ):** ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୁଡ଼ପୋଚ ନଷ୍ଟ କରିବା ସହିତ ଦେଶୀମଦ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ବାଉଁଶପାଳ ଜଙ୍ଗଲରେ ଚଢ଼ାଉ କରି ୨୪ ଶହ ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୧୮୦ ଲିଟର ଦେଶୀମଦ ଜବତ କରିଥିଲେ । ଏହି ଚଢ଼ାଉ ହେଉଥିବା ଜାଣିପାରି ଆସାମୀ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସେହିପରି ଆଙ୍ଗୁଳା ଗ୍ରାମରେ ଚଢ଼ଉ କରି ସତ୍ୟଭାମା ଭୋଳ ନିକଟରୁ ୩୧ ଲିଟର ଦେଶୀମଦ, ଚମ୍ପୁଛକରେ ଚଢ଼ଉ କରି କୈଳାସ ସାହୁ ନିକଟରୁ ୩୫ ଲିଟର ଦେଶୀମଦ ଏବଂ ଚମ୍ପୁ ଗ୍ରାମର ସୁକାନ୍ତି ମହାନ୍ତି ନିକଟରୁ ୫୫ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ । ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ ।

## ନଛିମପୁର ଗ୍ରାମର ନୀଳେଶ୍ୱର ମହାଦେବଙ୍କ ଚଡ଼କ ପର୍ବ ସମ୍ପନ୍ନ

**ଜଳେଶ୍ୱର ବ୍ଲକ, ୩।୫(ସମିସ):** ଚୈତ୍ର ମାସ ଶେଷ ଓ ପହିଲା ବୈଶାଖ ଆରମ୍ଭରେ ବିଭିନ୍ନ ଗ୍ରାମର ଶୈବପୀଠ ଗୁଡ଼ିକରେ ମୁଖ୍ୟ ଭକ୍ତାଙ୍କ ପଇତା ଧାରଣ ଯୋଗୁଁ ପରିବେଶ ଶିବମୟ ହୋଇଥାଏ । ସମସ୍ତ ଶୀବ ମନ୍ଦିରରେ ପାଟ ପର୍ବ ପାଇଁ ଘଟ ଉତ୍ତୋଳନ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଜଳେଶ୍ୱର ବ୍ଲକ ଉପାନ୍ତ ନଛିମପୁର ଗାଁରେ ୧୩ ଦିନର ବିକ୍ଷାତ ଗଠନତ ପାଟ ପର୍ବ ଗୁରୁବାର ଧୂମଧାମରେ ସମାପନ ହୋଇଛି । ଶିବ ପୁରାଣ ଅନୁସାରେ କୈଳାସ ଅଧିପତି ଶିବ ଶଙ୍କର, ଜଗତ କଲ୍ୟାଣ ଲାଗି, ମାଗି ଲୋକର ଶୋଳଶା ପାଣ୍ଟକୁ ଚାଷ କରିବାକୁ ଆସିଥିଲେ । ଏହି ସମୟରେ ଅନନ୍ୟ ସୁନ୍ଦରୀ, କାମିନା ରାକ୍ଷସୀ ର ଭକ୍ତିରସ ପ୍ରେମରେ ମୁଗ୍ଧ ହୋଇ ମହାଦେବ ନିମଗ୍ନ ରହିଥିଲେ । କୈଳାସରେ ମହାଦେବଙ୍କ ବହୁଦିନ ଅନୁପସ୍ଥିତ ଅନୁଭବ କରି ଧ୍ୟାନ ବଳରେ ମା ପାର୍ବତୀ ସମସ୍ତ କଥା ଜାଣିପାରି ମାଣିକୁ ଖୋଜି ଆସିଲେ । କାମିନା, ନାରଦ ମୁନିଙ୍କ ଠାରୁ ସୂଚନା ପାଇ ପାର୍ବତୀଙ୍କ ତୃତୀୟ ନୟନ କ୍ରୋଧାଗ୍ନୀରେ ଭସ୍ମୀଭୂତ ହେବା ଭୟରେ ମହାଦେବ ତାକୁ ପାତାଳୀ ହେବାକୁ କହିଥିଲେ । କାମିନାର ଭକ୍ତି ଅଶ୍ରୁ, ଅନୁନୟରେ, ଆଶିର୍ବାଦ ପୂର୍ବକ ପ୍ରତିବର୍ଷ ମହା ମିଳନ ହେବାର ଆଶିର୍ବାଦ କରି, ମନ୍ଦିର ଉତ୍ତର ଦିଶାର ନେତ୍ର ଜାଓ୍ଵଳାରେ, ତ୍ରିଶୁଳ କ୍ଷେପଣ କରି ତାଙ୍କୁ ପାତାଳୀ କରାଇଥିଲେ । ଏଣୁ ପ୍ରତି ବର୍ଷ ଏହି ତିଥିରେ



କାମିନାକୁ ହାକାଣ୍ଡ ରୁ ନିଶାଭାଗ ରାତିରେ, ପୂଜାର୍ଚ୍ଚନା, ଆହ୍ୱାନ, ଭକ୍ତାଙ୍କ ପଇତା ଧାରଣ ଓ ଶୋଭାଯାତ୍ରାରେ ବଳି ପ୍ରଦାନ କରି, ସନ୍ତୁଷ୍ଟ କରାଯାଇ ମନ୍ଦିରକୁ ପାଛୋଟି ନିଆଯାଇଥାଏ । ପ୍ରତି ଦିନ ୧୩ଭକ୍ତା ଙ୍କ ନିଷ୍କାମ ସେବା ଜଣାଣ ସହିତ ଦାଢତ୍ୟା ଭକ୍ତିର ଜୀବନ ଚର୍ଯ୍ୟା, ମାଣିକ ଗଡ଼ାଣ, ପାର୍ଶ୍ୱ ଦେବତା, ଚଣ୍ଡୀ, ଗଣେଶ, ଭଗବତୀଙ୍କ ପୂଜାର୍ଚ୍ଚନା ଗ୍ରାମ ପରିବେଶକୁ ଭକ୍ତି ରସମୟ କରିଥାଏ । ନୀଳ ରଙ୍ଗରେ ଘରେ ଘରେ ମହାମେଳୀ, ପାଳନ ଓ ହାକାଣ୍ଡ ପାଖରୁ ଭକ୍ତା ଶଙ୍କର ସିଂଙ୍କ ମାନସିକ କଠିନ ଦଣ୍ଡ ଯାତ୍ରା ଆକର୍ଷଣୀୟ ଓ ହୃଦୟ ସ୍ପର୍ଶୀ ଥିଲା । ପାଟ ପର୍ବର ଅନ୍ତିମ ଦିବସରେ ୧୩ ଭକ୍ତା, ହାକାଣ୍ଡରେ, ନୂତନ ବସ୍ତ୍ର ପରିଧାନ ପୂର୍ବକ ପୂଜାର୍ଚ୍ଚନା, ମାଳା ଚନ୍ଦନୀ ପରେ ମହିଳାମାନେ ଘଟରେ ହାକାଣ୍ଡ ପୋଖରୀରୁ ଜଳ ଧାରଣ କରିବା ପରେ ଶ୍ରଦ୍ଧାଳୁଙ୍କ କାନ୍ଧରେ ପ୍ରଦକ୍ଷଣ କରିଥାନ୍ତି । ଏହା ପରେ ପ୍ରସ୍ତୁତ ହୋଇଥିବା ସୁସଜ୍ଜିତ ବିମାନରେ (ମଣ୍ଡି) ଉପବେସନ, ବିଶାଳ ପଟୁଆରରେ ମନ୍ଦିର ପ୍ରଦକ୍ଷଣ କରି ରାତ୍ରିର ଶେଷାର୍ଦ୍ଧରେ ବ୍ରତ ସମାପନ ସହ ମାର୍ଜନା କାର୍ଯ୍ୟକ୍ରମ ହୋଇଥାଏ । ଚଳିତ ବର୍ଷ ପାଟ ଭକ୍ତା ତାପସ ପ୍ରଧାନ ଓ ୧୨ ଭକ୍ତା, ପୂଜକ ରବୀନ୍ଦ୍ର ମିଶ୍ର, ଲଲିନ୍ ମିଶ୍ର, ଗ୍ରାମ ସ୍ୱତାଧିକାରୀ ସୈଲେନ୍ ବିଶ୍ୱାଳ, ବହୁ ଯୁବକ, ପରିଚାଳନା କମିଟି ପ୍ରମୁଖ ୨ ଦିନର ମେଳାକୁ ପରିଚାଳନା କରିଥିଲେ । ହଜାର ହଜାର ଶ୍ରଦ୍ଧାଳୁଙ୍କ ମେଳରେ ଚଡ଼କ ମେଳା ଅନୁଷ୍ଠିତ ହୋଇଥିବା ବେଳେ ୨ ଦିନ ଧରି ଯାତ୍ରା ଅଭିନୟ ପରିବେଷଣ ହୋଇଥିଲା ।

## ଘରୋଇ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ସୋର, ୩।୫ (ସମିସ):** ସୋର ବ୍ଲକ ମାଣିପୁର ପଞ୍ଚାୟତ ମାଣିପୁର ଗ୍ରାମରେ ଘରୋଇ କଳହରୁ ଜଣେ ଯୁବକ ବେକରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଏହି ଗ୍ରାମର ଜଗନ୍ନାଥ ବେହେରା (୨୦) କଟକରେ ରହି ପାଠ ପଢୁଥିବା ବେଳେ ଗତ କିଛିଦିନ ତଳେ ଘରକୁ ଆସିଥିଲେ । ଗତକାଲି ରାତିରେ ତାଙ୍କ ମାଆଙ୍କ ସହିତ କୌଣସି କଥାକୁ ନେଇ ବଚସା ହୋଇଥିଲା । ଫଳରେ ଆଜି ସକାଳେ ତାଙ୍କ ମା ଘରେ ନଥିବା ବେଳେ ଶୋଇବା ଘର ଗଡ଼ାଣରେ ବେକରେ ଶାଢୀ ବାନ୍ଧି ଝୁଲିପଡ଼ିଥିଲେ । ଦୀର୍ଘ ସମୟ ପରେ ତାଙ୍କ ଆଇ ତାଙ୍କୁ ଡାକିବାକୁ ଆସିଥିବା ବେଳେ ସେ କବାଟ ଖୋଲିନଥିଲେ । ପଡ଼ୋଶୀଙ୍କ ସହାୟତାରେ ଘରର କବାଟ ଭାଙ୍ଗିବା ପରେ ଜଗନ୍ନାଥଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖି ତୁରନ୍ତ ତାଙ୍କୁ ଉଦ୍ଧାର କରି ପ୍ରଥମେ ମାଣିପୁର ଏବଂ ପରେ ସୋର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ୩୩/୨୪ ରେ ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ଜଗନ୍ନାଥଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି ।

## ଜଳେଶ୍ୱରର କ୍ଲଷ୍ଟର ବୁଥ୍ ପରିଦର୍ଶନ କଲେ ଏସ୍ପି



**ଜଳେଶ୍ୱର ବ୍ଲକ, ୩।୫ (ସମିସ):** ସରକାରଙ୍କ ନିୟମ ଅନୁଯାୟୀ ଯେଉଁଠାରେ ୩ହଜାରର ଅଧିକ ଭୋଟର ଭୋଟ ଦେବାର ବ୍ୟବସ୍ଥା ଥିବ ତାହାକୁ କ୍ଲଷ୍ଟର ବୁଥ କୁହାଯାଏ । ଏହି ଅନୁଯାୟୀ ଜଳେଶ୍ୱର ବ୍ଲକର ନାମୋ ହାଇସ୍କୁଲରେ ପ୍ରଯେ ୫ହଜାରରୁ ଅଧିକ ଭୋଟ ମତଦାନ କରିବାର ରହିଛି । ୪ଟି ବୁଥ ସେଠାରେ ରହିଥିବାରୁ ଆଜି ବାଲେଶ୍ୱର ଏସ୍ପି ଘଟଣାସ୍ଥଳ ପରିଦର୍ଶନ କରି ସୁରକ୍ଷା, ପିଇବା ପାଣି ବ୍ୟବସ୍ଥା, ଭୋଟରଙ୍କ ଆଶ୍ରୟସ୍ଥଳ ପରିର୍ଶନ କରିଥିଲେ । ତାଙ୍କ ସହିତ ଜଳେଶ୍ୱର ଏସ୍ଡିପିଓ ଦିଲ୍ଲିପ ସାହୁ, ଆଇଆଇସି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୀନକୃଷ୍ଣ ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଜଳେଶ୍ୱର ବ୍ଲକ, ୩।୫(ସମିସ):** ବାଲେଶ୍ୱର ଜିଲାର ଅନ୍ୟତମ ପୁରାତମ ଦୀନକୃଷ୍ଣ ମହାବିଦ୍ୟାଳୟରେ ଆଜି ଅଧ୍ୟକ୍ଷ ଡ. ଦିଲ୍ଲିପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ସଭା ଅନୁଷ୍ଠିତ ହୋଇ ଯାଇଛି । ଅର୍ଥନିତୀ ବିଭାର ମୁଖ୍ୟ ଅଜୟ କୁମାର ମହାପାତ୍ର ଓ ୪ର୍ଥ ଶ୍ରେଣୀ କର୍ମଚାରୀ ଯୋଗେଶ କୁମାର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପାଳିତ ହୋଇଛି । କର୍ମଚାରୀ ସଂଘର ସଭାପତି ଡ. ଚିତ୍ତରଞ୍ଜନ ଭଞ୍ଜ, ଉପସଭାପତି ସୁଶାନ୍ତ ଗିରି ଓ ଅନ୍ୟ ଅଧ୍ୟାପକ/ଅଧ୍ୟାପିକାମାନେ ଉପସ୍ଥିତ ରହି ଅବସର ଗ୍ରହଣ କରିଥିବା




ଅଜୟ ମହାପାତ୍ରଙ୍କ କର୍ମମୟ ଜୀବନ, ନିଷ୍ଠା, ସାଧନା, ଛାତ୍ରବତ୍ସଳତା, ସଂଗଠନ ପ୍ରେମ ସମ୍ପର୍କରେ ଅବତାରଣା କରିଥିଲେ । ଅବସରପରେ ବିଭିନ୍ନ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରିବାଲାଗି ସମୟ ମିଳୁଥିବାରୁ ଶ୍ରୀ ମହାପାତ୍ର ଏଥିରେ ନିୟୋଜିତ ହେବବୋଲି କହିଥିଲେ । ଶେଷରେ ଧନେଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କର୍କଟ ରୋଗରେ ପୀଡ଼ିତ ଅଧ୍ୟାପକଙ୍କ ପରଲୋକ



**ଜଳେଶ୍ୱର ବ୍ଲକ, ୩।୫(ସମିସ):** ଦୀନକୃଷ୍ଣ କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ଜୟନ୍ତ କୁମାର ଭୂୟାଁ (୪୫)ଙ୍କ ଆଜି ସକାଳେ ଚିକିତ୍ସିତ ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ପରଲୋକ ଘଟିଛି । ସେ ୨୦୧୧ ମସିହାରୁ ଦୀନକୃଷ୍ଣ କଲେଜରେ ଅଧ୍ୟାପକ ଭାବେ ରହି କାର୍ଯ୍ୟ ତୁଲାଇ ଆସୁଥିଲେ । ତା ପୂର୍ବରୁ ସେ ଓ ତାଙ୍କ ସ୍ତ୍ରୀ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ବ୍ଲକର ରଙ୍ଗାମାଟିଆଠାରେ ଗାନ୍ଧିସେବାଶ୍ରମ ଓ ଚକ୍ଷୁ ଚିକିତ୍ସା କେନ୍ଦ୍ରରେ ରହି ସେବା ଯୋଗାଇ ଆସୁଥିଲେ । ସେ ଜଣେ କର୍ତ୍ତବ୍ୟ ପରାୟଣ, ମିଷ୍ଟଭାଷୀ, ଛାତ୍ରପ୍ରେମୀ, ବନ୍ଧୁବତ୍ସଳ, ଅନୁଷ୍ଠାନ ପ୍ରେମୀ ତଥା ସଭାଜସେବର ଭାବେ ପରିଚିତ ଥିଲେ । ତାଙ୍କ ମୃତ୍ୟୁରେ ଆଜି ସୁଗୋ ଓ ସିମୁଳିଆ ଗାଁରେ ଶୋକ ପ୍ରକାଶ ଯାଇଛି । ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ହୋଇଥିବା ଜଣାଯାଇଛି । ଘଟଣା ଜଣାଯିବାପରେ ଦୀନକୃଷ୍ଣ କଲେଜ ପରିସରରେ ସ୍ୱର୍ଗତ ଜୟନ୍ତ ଭୂୟାଁଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯିବା ସହ ଏକ ଶୋକ ସଭା ଅନୁଷ୍ଠିତ ହୋଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲ୍ଲିପ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ଦାସ, ସନ୍ୟାସୀ ପାତ୍ର, ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କର ଏକମାତ୍ର ପୁତ୍ର ଓ ବିଧାବା ସ୍ତ୍ରୀ ବେସାହାରା ହୋଇଛନ୍ତି ।

## ଜଳିଗଲା ଦୁଇ ବଖରା

**ରୂପସା, ୩।୫ (ସମିସ):** ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଦୁଇ ଭାଇ ଇର୍ଷାତ ବକ୍ସ ଓ ରିହାତ ବକ୍ସଙ୍କର ଦୁଇ ବଖରା ଘର ଭସ୍ମୀଭୂତ ହୋଇଯାଇଛି । ହଠାତ ନିଆଁ ଲାଗିଯିବା ଫଳରେ ପରିବାର ଲୋକେ ଜୀବନ ବିକଳରେ ଘରୁ ବାହାରି ଆସିଥିଲେ । ମାଟିକାନ୍ଥ ଓ ଚାଳ ଛପର ଘରେ ଥିବା ସମସ୍ତ ଆସବାବପତ୍ର, ବାସନକୁସନ, ଧାନ ଚାଉଳ ପୋଡ଼ି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ବସ୍ତା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଓଭରଟେକ୍‌ରୁ ଦୁର୍ଘଟଣା, ବାଇକ୍ ଆରୋହୀ ଗୁରୁତର

**ବଳରାମପୁର, ୩।୫(ସମିସ):** କିଛି ସମୟ ଅପେକ୍ଷା ନ କରି ଓଭର ଟେକ୍‌ରୁ ଦୁର୍ଘଟଣା ଘଟି ଆଜି ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଘଟଣାଟି ଘଟିଛି ବାଲିଆପାଳ କାଳୀପଦା ମୁଖ୍ୟ ରାସ୍ତାର ମଧୁପୁରା ଛକ ନିକଟରେ । ପୂର୍ବାହ୍ନରେ ଟାଟା କମ୍ପାନୀର ୧୦୮ ଆମ୍ବୁଲାନ୍ସ କାଳୀପଦା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ କାର ଆସୁଥିଲା । ଏହି ସମୟରେ ଜଣେ ବାଇକ୍ ଆରୋହୀ କାରକୁ ଓଭର ଟେକ୍ କରୁଥିବାବେଳେ କାର ଦେହରେ ଧକ୍କା ଖାଇ ଆମ୍ବୁଲାନ୍ସରେ ପିଟି ହୋଇ ଥିଲେ । ତତକ୍ଷଣାତ୍ ଆମ୍ବୁଲାନ୍ସ ସେଠାରେ ଅଟକି ବାଇକ୍ ଆରୋହୀକୁ ଉଦ୍ଧାର କରିବା ସହ ସେଥିରେ ଥିବା ଡା. ରାଜ ପ୍ରାଥମିକ ଚିକିତ୍ସା କରି ଥିଲେ । ପରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ । ସେଠାରେ ବାଇକ୍ ଆରୋହୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ସଙ୍ଗେ ସଙ୍ଗେ ବାଲେଶ୍ୱର ସଦର ହସ୍ପିଟାଲକୁ ନିଆଯାଇଥିଲା । ଗୁରୁତର ଆହତ ବାଇକ୍ ଆରୋହୀଙ୍କ ଘର ବେତଗଡ଼ିଆ ଗ୍ରାମରେ ହୋଇଥିବା ବେଳେ ସେ ବଂଶୀଧର ଗିରିଙ୍କ ପୁଅ ଦେବୀ ଶଙ୍କର ।

● ଗ୍ରାହକ ସେବାକେନ୍ଦ୍ରରେ ଲକ୍ଷାଧିକ ଜମା ଟଙ୍କା ହଡ଼ପ ଅଭିଯୋଗ

## ବ୍ୟାଙ୍କ କର୍ମଚାରୀଙ୍କୁ ଘେରିଲେ ଜମାକାରୀ




**ଜଳେଶ୍ୱର ବ୍ଲକ, ୩।୫ (ସମିସ) :** ଜଳେଶ୍ୱର ବ୍ଲକ ଅଧୀନ ଝାଡ଼ପିମ୍ପଳ ଡାକଘର ନିକଟସ୍ଥ ଏକ ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ର ବା କିଓସ୍କ ବ୍ୟାଙ୍କ ଶାଖାରେ ଟଙ୍କା ଉଠାଣକୁ ନେଇ ଗତକାଲି ଗଣ୍ଡଗୋଳ ସହ ଉତ୍ତେଜନା ଦେଖାଦେଇଛି । କମର୍ଦ୍ଦା ଥାନା ଖରିଦପିମ୍ପଳ ଅଞ୍ଚଳର ବିକ୍ରମ କେଶରୀ ଦେ ନାମକ ଜଣେ ଯୁବକଙ୍କ ଏହି ଗ୍ରାହକ କେନ୍ଦ୍ରରେ କର୍ମଚାରୀ ଭାବେ ରେଳା ଗ୍ରାମର ଚନ୍ଦ୍ରଶେଖର ରାଉଳ ନାମକ ଜଣେ ଯୁବକ କାମ କରନ୍ତି । ଗତକାଲି ପୂର୍ବାହ୍ନରେ ଦେବକୁମାର ଗ୍ରାମର ସୁଦାମ ମୁଖୀ ନିଜ ଝିଅ ବିବାହ ପାଇଁ ଏଠାରେ ୧୮ ମାସ ତଳେ ଜମା ରଖିଥିବା ୨୫ ହଜାର ଟଙ୍କା ଉଠାଇବା ପାଇଁ ଯାଇଥିଲେ । ତେବେ ଏହି ସେବା କେନ୍ଦ୍ରର କର୍ମଚାରୀ ସୁଦାମ ରାଉର ଟଙ୍କା ଉଠାଇ ପାରିବନି ବୋଲି କହିଥିଲେ । ଏହି ଟଙ୍କା ଷ୍ଟେଟ୍ ବ୍ୟାଙ୍କ ବଦଳରେ ବ୍ରୋକିଂ ଆଣ୍ଡ ପିଏମ୍‌ଏସ୍ ସର୍ଭିସେସ୍ ନାମକ ଏକ ସଂସ୍ଥାରେ ଫିକ୍ସଡ୍ ଭାବେ ରଖା ଯାଇଥିବା ସେ ପ୍ରକାଶ କରିଥିଲେ । ଉକ୍ତ ସଂସ୍ଥାରେ ଟଙ୍କା ଜମା ହୋଇଥିବା କେସ୍ ଡିପୋଜିଟ୍ ଫର୍ମ ମଧ୍ୟ ଗ୍ରାହକମାନଙ୍କୁ ଦିଆଯାଇଛି । ଉକ୍ତ ଫର୍ମରେ ସଂସ୍ଥାର ଶାଖା ସୋରୋ ଅଞ୍ଚଳରେ କାମ କରୁଛି ବୋଲି ଉଲ୍ଲେଖ ରହିଛି । ତେବେ ଷ୍ଟେଟ୍ ବ୍ୟାଙ୍କ ଗ୍ରାହକ କେନ୍ଦ୍ରରେ ସେ ଟଙ୍କା ରଖିବାକୁ ଆସିଥିବା ବେଳେ ବ୍ରୋକିଂ ଆଣ୍ଡ ପିଏମ୍‌ଏସ୍ ସର୍ଭିସେସ୍‌ରେ କାହିଁକି ଟଙ୍କା ରଖାଗଲା, ସେ ନେଇ ଜମାକାରୀ ସୁଦାମ ପ୍ରଶ୍ନ କରି ପାଟିତୁଣ୍ଡ କରିଥିଲେ । ପାଟିତୁଣ୍ଡ ଶୁଣି ଛବିରାଣୀ ମୁଖୀ, ଚମ୍ପାବତୀ ମୁଖୀ, ଶିବଚରଣ ଧଳ, ରବୀନ୍ଦ୍ର ମୁଖୀ ପ୍ରମୁଖଙ୍କୁ ମିଶାଇ ୫୦ ରୁ ଊର୍ଦ୍ଧ୍ୱ ଜମାକାରୀ ସେଠାରେ ସମବେତ ହୋଇ ସମାନ ଅଭିଯୋଗ ଆଣିବା ସହ ରଖିଥିବା ଜମାଟଙ୍କାକୁ ଉଠାଇବାକୁ ଚାହିଁଥିଲେ । ଏହାକୁ ନେଇ ସେଠାରେ ହୋହଲ୍ଲା ହେବା ସହ ମାକାରୀମାନେ ଚନ୍ଦ୍ରଶେଖରଙ୍କ ସହିତ ଟଣାଓଟରା କରିଥିଲେ । ଏହି ସମୟରେ ଗ୍ରାହକ କେନ୍ଦ୍ରର ମାଲିକଙ୍କ କେତେଜଣ ସମ୍ପର୍କୀୟ ସେଠାରେ ପହଞ୍ଚି ଯୁକ୍ତିତର୍କ କରିବାରୁ ଜମାକାରୀ ମାନେ ସେମାନଙ୍କୁ ଅଟକ ରଖିଥିଲେ । ଖବର ପାଇ ସନ୍ଧ୍ୟାରେ ଜଳେଶ୍ୱର ଥାନା ପୁଲିସ ସେବାକେନ୍ଦ୍ରର ମାଲିକଙ୍କ ଜଣେ ସମ୍ପର୍କୀୟ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିବା ଜଣାପଡ଼ିଛି ।

**ଦୁଧହଂସା ବୈଶାଖୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

# ସୁସ୍ଥ ସମାଜ ଗଠନରେ ସଂସ୍କୃତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବସ୍ତା ବ୍ଲକ, ୩।୫ (ସମିସ):**



ଭାରତୀୟ ସଂସ୍କୃତି ଯଦି ଆଜି ଯଦି କିଛି ଅଂଶରେ ସୁରକ୍ଷିତ ଅଛି ତାହା ଗ୍ରାମାଞ୍ଚଳରେ ରହିଛି । ଗ୍ରାମର ଲୋକଙ୍କ ଦ୍ୱାରା ହିଁ ଭାରତୀୟ ସଂସ୍କୃତି ସୁରକ୍ଷା କବଚ ଅଟେ । ଭାରତୀୟ ବିଭିନ୍ନ ସଂସ୍କୃତି ଆଜି ବିଜ୍ଞାନ ସମ୍ମତ ହେବାର ଲାଗିଛି । ମାନବ ସମାଜ ନିଜ ସଂସ୍କୃତିକୁ ଛାଡ଼ି କେବେ ବଞ୍ଚି ପାରେ ନାହିଁ । ଆମ ସଂସ୍କୃତି ସୁସ୍ଥ ସମାଜ ଗଠନ କରିବାରେ ପ୍ରମୁଖ ଭୂମିକା ରହିଥିବାରୁ ଆମେ ସମସ୍ତେ ନିଜ ସଂସ୍କୃତିକୁ ବଞ୍ଚାଇବା ଆବଶ୍ୟକ ବୋଲି ଦୁଧହଂସା ବୈଶାଖୀ ମହୋତ୍ସବ ୨୦୨୪ ଚତୁର୍ଥ ସନ୍ଧ୍ୟାରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ବୈଜ୍ଞାନିକ ତଥା ଚାନ୍ଦିପୁରରେ ପ୍ରତିରକ୍ଷା ବିଭାଗର ଉପନିର୍ଦ୍ଦେଶକ ଡ. ନୀଳାଦ୍ରି ରାୟ ମତ ବ୍ୟକ୍ତ କରିଛନ୍ତି । ଆମ ଗାଁ ଚେରି ଟେବୁଲ୍ ଟ୍ରଷ୍ଟ ର ଚେୟାରମ୍ୟାନ ତଥା ସୁଲଗ୍ନା ଏଡୁକେଶନ୍ ଟ୍ରଷ୍ଟ ର ଚେୟାରମେନ ଡ. ଘନଶ୍ୟାମ ବିଶ୍ୱାଳଙ୍କ ପୌରୋହିତ୍ୟରେ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ପ୍ରଫେସର ଶିରିସ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ନୀଳରକ୍ତ ଗବେଷକ ଡକ୍ଟର ଗୋବିନ୍ଦ ଦାସ, ଅପରାହ୍ନ ର ସମ୍ପାଦକ ବଂଶୀଧର ଜେନା, ସମାଜସେବୀ ଗୌତମ ପାତ୍ର, ଟ୍ରଷ୍ଟ ଉପ ସଭାପତି ସୁରେଶ କୁମାର ବେହେରା, ପୁରୁଷୋତ୍ତମ ଆଚାର୍ଯ୍ୟ, ହରେକୃଷ୍ଣ ବେହେରା, ଚନ୍ଦନ ନାୟକ, ମୃତ୍ୟୁଞ୍ଜୟ ସାହୁ, ଲମ୍ବୋଦର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସମାଜସେବୀ ପରମାନନ୍ଦ ମହାପାତ୍ର, ଗୌରହରି ପଟାୟତ, ଅବସର ପ୍ରାପ୍ତ ଶିକ୍ଷକ ଚକ୍ରଧର ଗୋଛାୟତ, କ୍ରୀଡାବିତ୍ ନାରାୟଣ କୁଣ୍ଡୁ, ଶତାୟୁ ମହିଳା ହେମ ମଣି ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏଥି ସହିତ ଏହି ଉତ୍ସବ ରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା । ୬ ଦିନ ବ୍ୟାପି ଅନୁଷ୍ଠିତ ଏହି ଉତ୍ସବ ଅପ୍ରେଲ ୨୯ ତାରିଖ ଠାରୁ ଆରମ୍ଭ ହୋଇ ଥିଲା । ପଞ୍ଚଲିଙ୍ଗେଶ୍ୱର ମହାଦେବ, ପଞ୍ଚମୁଖୀ ହନୁମାନ ଓ ମାଆ ଭଗବତୀ ଦେବୀଙ୍କ ପୂଜାର୍ଚ୍ଚନା ଚାଲୁ ଥିବା ବେଳେ ମିନା ବଜାର ମଧ୍ୟ ବେଶ ଜମୁଥିବା ଲକ୍ଷ୍ୟ କରାଯାଇଛି । ଆସନ୍ତା ୪ ତାରିଖରେ ଏହି ଉତ୍ସବ ଉଦ୍ଯାପିତ ହେବ ବୋଲି କୁହାଯାଇଛି ।

ଜଳେଶ୍ୱର ଜିକେ ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

# ରୋଗୀ ମୃତ୍ୟୁକୁ କେନ୍ଦ୍ରକରି ଡାକ୍ତରଙ୍କୁ ମାଡ଼





ଜଳେଶ୍ୱର ବ୍ଲକ, ୩।୫ (ସମିସ) : ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁକୁ କେନ୍ଦ୍ରକରି ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ଦିଲ୍ଲୀପ କୁମାର ପାତ୍ରଙ୍କୁ ମାଡ଼ ମାରିଲେ ମୃତ ରୋଗୀଙ୍କ ସମ୍ପର୍କୀୟ। ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଜଳେଶ୍ୱର ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛି।

ସୂଚନା ଅନୁଯାୟୀ, ଜଳେଶ୍ୱର ଥାନା ଅନ୍ତର୍ଗତ ଶିଖରପୁର ଗ୍ରାମ ପଞ୍ଚାୟତର ଚକହରି ଗ୍ରାମର ସୌରୀ ଶଙ୍କର ଓଝାଙ୍କ ୧୭ ବର୍ଷର ସାନପୁତ୍ର ଉମେଶ ଓଝା ଶୁକ୍ରବାର ମଧ୍ୟାହ୍ନ ସମୟରେ ଘରୋଇ କଳହ ଯୋଗୁଁ ବିଷ ପିଇ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଜଳେଶ୍ୱର ସ୍ଥିତ ଜିକେ ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ହସପିଟାଲରେ କାର୍ଯ୍ୟରତ ଡାକ୍ତର ଦିଲ୍ଲୀପ କୁମାର ପାତ୍ର ରୋଗୀ ଦେଖିବାରେ ଅବହେଳା କରିବାରୁ ରୋଗୀର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ହସପିଟାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ମୃତକଙ୍କ ସମ୍ପର୍କୀୟ ମାନେ ଡାକ୍ତରଙ୍କୁ ମାଡ଼ ମାରିଥିଲେ। ଖବର ପାଇ ଜଳେଶ୍ୱର ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଘଟଣାର ତଦନ୍ତ କରୁଛି। ଏ ନେଇ ଡାକ୍ତର ଦିଲ୍ଲୀପ କୁମାର ପାତ୍ରଙ୍କ ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ମୃତକଙ୍କ ମାଆ ଅନୁପମା ଓଝା ଜଳେଶ୍ୱର ଥାନାରେ ଡାକ୍ତର ଦିଲ୍ଲୀପ କୁମାର ପାତ୍ରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଶ୍ରଦ୍ଧାପୁର, ୩।୫(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତର ଏକ ଯୁବକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଯାଇଛି। ଶ୍ରଦ୍ଧାପୁର ଗ୍ରାମର ବରେନ୍ଦ୍ର ମହାନ୍ତିଙ୍କ ଏକ ମାତ୍ର ରୋଜଗାରିଆ ପୁଅ ଧନଞ୍ଜୟ ମହାନ୍ତି (୪୦)। ସୂଚନା ଅନୁସାରେ ଆଜି ସକାଳ ପ୍ରାୟ ୬ ଟା ସମୟରେ ଧନଞ୍ଜୟ ତାଙ୍କ ଘର ପାଖା ପାଖୀ ଏକ ବିଦ୍ୟୁତ ଖୁଣ୍ଟକୁ ଚଢି ତାର ସଂଯୋଗ କରିବା ପାଇଁ ଉଠିଥିଲେ ମାତ୍ର ଅସାବଧାନତା ପାଇଁ କୌଣସି କାରଣରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳେ ପଡ଼ି ଯାଇ ଅଚେତ ହୋଇପଡ଼ିଥିଲେ ଏବଂ ତାଙ୍କର ମୁଣ୍ଡରେ ଶକ୍ତ ଆଘାତ ଲାଗି ଫାଟି ଯାଇଥିଲା। ସେଠାରେ ସ୍ଥାନୀୟ ଲୋକମାନେ ପହଞ୍ଚି ଶ୍ରଦ୍ଧାପୁର ଡାକ୍ତରଖାନାକୁ ନେଇ ଯାଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୁରନ୍ତ ନେଇଯିବାକୁ କହିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ପୂର୍ବତନ ୱାର୍ଡସଭ୍ୟଙ୍କ ପରଲୋକ

ଚୌକି, ୩।୫ (ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତର ସେହି ଗ୍ରାମର ସ୍ୱର୍ଗତ ଗୋପାଳ ଚନ୍ଦ୍ର ଜେନାଙ୍କ ପୁତ୍ର ଧରଣୀଧର ଜେନା ୫୬ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। ୨ ମେ ଦିନ ଲିଭର୍ ଜଣ୍ଡିସ ଜନିତ ରୋଗରେ ସନ୍ଧ୍ୟା ୬ ଟାରେ କଟକ ବଡ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ସେ ଦୁଇ ଥର ୱାର୍ଡସଭ୍ୟ ଥିଲେ। ତାଙ୍କର ମୃତ୍ୟୁରେ ସମଗ୍ର ମନ୍ଦାରସାହି ପଞ୍ଚାୟତରେ ଦୁଃଖର ଛାୟା ଖେଳିଯାଇଛି। ତାଙ୍କର ମର ଶରୀର ଗ୍ରାମର ମଶାଣିରେ ସତ୍କାର କରାଯାଇଥିଲା। ମନ୍ଦାରସାହି ସରପଞ୍ଚ ମମତା ସାହୁ, ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ, ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ପ୍ରବୀର ତୋଳା ଏବଂ ଶହ ଶହ ଲୋକ ତାଙ୍କର ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ୫ ଦିନ ହେବ ଏସ୍‌ବିଆଇ ଏଟିଏମ୍ ଅଚଳ



ନାମ୍ପୋ, ୩।୫(ସମିସ): ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତର ନାମ୍ପୋ ବଜାରରେ ଆଜକୁ ୧୧ ବର୍ଷ ହେବ ଗ୍ରାହକଙ୍କୁ ସେବା ଯୋଗାଇ ଆସୁଥିବା ଏଟିଏମ ଟି ୫/୬ ଦିନ ହେବ ଅଚଳ ହୋଇ ଯାଇଛି। ଫଳରେ ନାମ୍ପୋ ସମେତ ଖାଲିନା, ସମ୍ପତିଆ, ନେତୁଆ ସୁଗୋ ଆଦି ପଞ୍ଚାୟତର ହଜାର ହଜାର ଗ୍ରାହକ ଏଟିଏମ ସେବାରୁ ବଞ୍ଚିତ ଅଛନ୍ତି। ଫଳରେ ଟଙ୍କା ଉଠାଇବା ପାଇଁ ୧୦ ରୁ ୧୫ କିଲୋମିଟର ଦୂର ଜଳେଶ୍ୱର ଯିବାକୁ ପଡୁଛି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ୧୫/୨୦ କିଲୋମିଟର ଯିବା ସମସ୍ତଙ୍କ ପାଇଁ ସମ୍ଭବ ହେଉନାହିଁ। ଫଳରେ ଟଙ୍କା ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ବର୍ଷ ହେବ ଏ ଟି ଏମ ରେ ବ୍ୟାଟେରୀ ନଥିବା କାରଣରୁ ବିଦ୍ୟୁତ କାଟ ସମୟରେ ଏ ଟି ଏମ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା

## ବିଦ୍ୟାଳୟ ବାହାର କାନ୍ଥରେ ତ୍ରୁଟିପୂର୍ଣ୍ଣ ଲେଖା




ନାମ୍ପୋ, ୩।୫(ସମିସ): ସରକାର ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିବା ସହିତ ତାର ବାସ୍ତବ ରୂପାୟନ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗୁଣାତ୍ମକ ଶିକ୍ଷା ଦାନ ପାଇଁ ବିଦ୍ୟାଳୟ ଓ ବିଦ୍ୟାଳୟ ର ପରିବେଶକୁ ଉନ୍ନତ କରି ଶୈକ୍ଷିକ ପରିବେଶ ସୃଷ୍ଟି କରିବା ନିମନ୍ତେ ଅହ ରହ ପ୍ରଯତ୍ନ ଜାରି ରଖିଛନ୍ତି। ତେବେ କେତେକ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଖାମ ଖିଆଲି ଓ ବେପରୁଆ ମନୋଭାବ ଯୋଗୁଁ ତାହା ବାସ୍ତବରେ ପରିଣତି ହୋଇ ପାରୁନାହିଁ। ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୭୦୦/୮୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ନିକଟ ଅତୀତରେ ବିଦ୍ୟାଳୟ ଟି ରାଜ୍ୟ ସରକାରଙ୍କର ୫-ଟି ଯୋଜନାରେ ସାମିଲ ହୋଇ କେତେକ ନୂଆ ନିର୍ମାଣ ସାଙ୍ଗକୁ କେତେକ ପୁରୁଣା କାନ୍ଥକୁ ମରାମତି କରି ନୂଆ ରୂପ ଦେଇ ଆକର୍ଷଣୀୟ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି ବିଦ୍ୟାଳୟ କୁ ଅଧିକ ସୁନ୍ଦର କରିବା ପାଇଁ ବିଦ୍ୟାଳୟର ମୁଖ୍ୟ ଫାଟକର ଉଭୟ ପାର୍ଶ୍ୱରେ ବିଭିନ୍ନ ହିନ୍ଦୁ ଦେବଦେବୀ, ମହାପୁରୁଷଙ୍କ ପ୍ରତିକୃତି ଓ ଓଡ଼ିଶାର କଳା ସ୍ଥାପତ୍ୟ କୁ ଚିତ୍ରିତ କରା ଯାଇଥିବା ବେଳେ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ଆଦି ଗ୍ରହଙ୍କ ଅବସ୍ଥିତିର ଚିତ୍ର ଅଙ୍କା ଯିବା ସହିତ ଇଂରାଜୀ ରେ ସେମାନଙ୍କ ନାମକୁ ତ୍ରୁଟିପୂର୍ଣ୍ଣ ଭାବେ ଲେଖା ଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ମୁଖ୍ୟ ଫାଟକର ଅତି ନିକଟରେ ପ୍ରାୟତଃ ୪/୫ ମାସ ପୂର୍ବେ ଲେଖା ଯାଇଥିବା ଏଭଳି ଗୁରୁତର ତ୍ରୁଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଙ୍କ ଦୃଷ୍ଟି ଗୋଚର ହେଲାନାହିଁ କିପରି ? ଚିତ୍ରକର ଲେଖି ସାରିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତାକୁ ଯାଞ୍ଚ କରି ନଥିଲେ କି ? ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାନ୍ତି ଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ଏକ ଚକ ଖଡ଼ିରେ ତ୍ରୁଟି ସଂଶୋଧନ କରିବାକୁ ଚେଷ୍ଟା କରିଥିଲେ। ପରେ ସମ୍ପୃକ୍ତ ଚିତ୍ରକରଙ୍କୁ ଡାକି ସଂଶୋଧନ କରାଇଥିଲେ।

## ସ୍ମାଇଲ ୟୁଥ୍ କ୍ଲବ ପକ୍ଷରୁ ଜଳଦାନ ଶିବିର

ଭୋଗରାଇ, ୩।୫(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କମର୍ଦ୍ଦା ଅଞ୍ଚଳର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ମାଇଲ ୟୁଥ୍ କ୍ଲବ ପକ୍ଷରୁ କମର୍ଦ୍ଦା ଛକ ବଜାର ବସଷ୍ଟାଣ୍ଡ ଠାରେ ଶୁକ୍ରବାର ଏକ ଶୀତଳ ପାନୀୟ ଜଳଦାନ ଶିବିର ଶୁଭାରମ୍ଭ ହୋଇଛି। ଭୋଗରାଇ ବ୍ଲକ ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, କସବା କମର୍ଦ୍ଦା ପଞ୍ଚାୟତ ସମିତି ସଦସ୍ୟ କେଶବ କୁମାର ମିଶ୍ର ଓ ସମାଜସେବୀ ତପନ କୁମାର ଭଞ୍ଜ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରିବା ସହିତ ପଥଚାରୀଙ୍କୁ ଦହି ସରବତ ବଣ୍ଟନ କରିଥିଲେ। କ୍ଲବ ଉପଦେଷ୍ଟା ସମ୍ବିତ କୁମାର ପ୍ରଧାନ, ସଭାପତି ଭାରତରତ୍ନ ଜେନା, ସମ୍ପାଦକ ଶତ୍ରୁଜିତ ସିଂ, ଗୋବିନ୍ଦ ଗିରି, ବିଷ୍ଣୁପଦ ସୁର, ଆଲୋକ ଦାସ, ଉମେଶ ସୁର, ସୁନୀଲ କୁମାର ପ୍ରଧାନଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି ଜଳଦାନ ଶିବିରକୁ ପରିଚାଳନା କରୁଛନ୍ତି। ଆଗାମୀ ଦିନରେ ଆଦର୍ଶ ଜଳଦାନ ଅଭିଯାନ ଜାରି ରହିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।




## ହେଲ୍ପ ଫର ୟୁ ଫାଉଣ୍ଡେସନ ପକ୍ଷରୁ ସେବାକାର୍ଯ୍ୟ



ଜଳେଶ୍ୱର ବ୍ଲକ, ୩।୫ (ସମିସ) : ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନ ଶୁକ୍ରବାର ପୂର୍ବାହ୍ନରେ ବସ୍ତା ଗାନ୍ଧିଛକ ଜାତୀୟ ରାଜପଥ ବାଇପାସ୍ ପୋଲ ତଳେ ଯେଉଁ ବୃଦ୍ଧବୃଦ୍ଧା ମାନେ ବିନା ଛତାରେ ଯାଉ ଥିଲେ ସେମାନଙ୍କୁ ଗୋଟିଏ ଗୋଟିଏ ଛତା, କଳା ଚଷମା, ଧଳା ଗାମୁଛା ଓ ପାଣି ବୋତଲ ପ୍ରଦାନ କରିବା ସହିତ ହଜାର ହଜାର ପଥଚାରୀ ମାନଙ୍କୁ ପାଇଁ ଲେମ୍ବୁପାଣି, ଦହି ସରବତ, କାକୁଡ଼ି, ତରଭୁଜ ଇତ୍ୟାଦି ପ୍ରଦାନ କରାଯାଇଛି। କାରଣ ଉକ୍ତ ଗାନ୍ଧୀ ଛକ ବାଇପାସ୍ ପୋଲ ତଳେ ଅନେକ ପଥଚାରୀ ମାନଙ୍କ ଭିଡ଼ ରହିଥାଏ। ବହୁ ପଥଚାରୀ ବିଶ୍ରାମ ମଧ୍ୟ ସେଠାରେ ନେଇଥାନ୍ତି। ଅତ୍ୟଧିକ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ବାଟୋଇ ମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏହା ଏକ ପ୍ରୟାସ। ତା ସହିତ ସଚେତନତାର ବାର୍ତ୍ତା ମଧ୍ୟ ପଥଚାରୀ ମାନଙ୍କୁ ଦିଆ ଯାଇଛି ଯେପରି ଦିନ ଦଶଟା ପରେ ଯଦି ଜରୁରୀ କାର୍ଯ୍ୟ ଥାଏ ତେବେ ଛତା ଓ ମୁଣ୍ଡରେ ଗାମୁଛା ଦେବା ସହିତ କଳା ଚଷମା ବ୍ୟବହାର କରିବା ଓ ସାଙ୍ଗରେ ପାଣି ବୋତଲ ରଖିବା ପାଇଁ ମଧ୍ୟ ସଙ୍ଗଠନ ତରଫରୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟ କରି ହେଲ୍ପ ଫର ୟୁ ଫାଉଣ୍ଡେସନ ର ସଭାପତି ମାନସ ରଞ୍ଜନ ଧଳ ଓ ସଦସ୍ୟ ସଦସ୍ୟା ମାନେ ଆତ୍ମସନ୍ତୋଷ ଲାଭ କରିଛନ୍ତି ବୋଲି କହିଛନ୍ତି। ପଥଚାରୀ ମାନେ ସଂଗଠନର କର୍ମକର୍ତ୍ତାଙ୍କୁ ଆଶୀର୍ବାଦ ଦେଇଛନ୍ତି।

## ରୂପସାରେ କଂଗ୍ରେସର ନିର୍ବାଚନୀ ସଭା




ରୂପସା, ୩।୫ (ସମିସ): ସଦର ବ୍ଲକ ରୂପସାସ୍ଥିତ ଆଙ୍କ ଗ୍ରାମପଞ୍ଚାୟତ ପଦ୍ମ ପୁଖରୀ ଆଡ଼ି ମନ୍ଦିର ପାଖ ପଡ଼ିଆ ଠାରେ କଂଗ୍ରେସର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇ ଯାଇଛି। ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରାଙ୍କ ଆହ୍ୱାନ କ୍ରମେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ସଭାପତିତ୍ୱରେ ଜନ ସମାବେଶକୁ ନେଇ ନିର୍ବାଚନୀ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସର ବାଲେଶ୍ୱର ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଓ ସଦର ବିଧାୟକ ପ୍ରାର୍ଥୀନୀ ମୋନାଲିସା ସାମଲଙ୍କ ସହ ବାଲେଶ୍ୱର କଂଗ୍ରେସର ବହୁ ନେତୃମଣ୍ଡଳୀ ମଞ୍ଚାସୀନ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ପଦ୍ମଲୋଚନ ଲେଙ୍କା, କେକେସି ରାଜ୍ୟ ଉପାଧ୍ୟକ୍ଷ ଜ୍ୟୋତ୍ସ୍ନା ସେନାପତି, ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଜିଲ୍ଲା ଅଧ୍ୟକ୍ଷ ବିକାଶ କୁମାର ଦାସ, ଜିଲ୍ଲା ମୁଖପାତ୍ର ସୁଧାଂଶୁ ଶେଖର ଜେନା, ଅକ୍ଷୟ ମଲ୍ଲିକ, ନିସିତ ବାରିକ, ସତ୍ୟନାରାୟଣ ଗୁପ୍ତା, ମନରଞ୍ଜନ ନାୟକ, ଉର୍ମିଳା ମାଝୀ, ସରୋଜ ଲେଙ୍କା ଆଙ୍କ ସରପଞ୍ଚ ଜ୍ୟୋତ୍ସ୍ନା ରାଣୀ ବେହେରା, ଶିବପ୍ରସାଦ ମୋହାନ୍ତି, ଆଙ୍କ ପଞ୍ଚାୟତ ସଭାପତି ଲମ୍ବୋଧର ଜେନା, ମଧୁସୁଧନ ମଲ୍ଲିକ, ଜଳଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ




ଭୋଗରାଇ, ୩।୫ (ସମିସ) : ଭୋଗରାଇ ପ୍ରେସ କ୍ଲବ ପକ୍ଷରୁ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ଠାରେ ଏହି ଦିବସ ପାଳନ ସଭାରେ ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ଉପଦେଷ୍ଟା ପ୍ରଦୀପ ଦାସ ଓ ସୁବାସ ଦାସ, ସମ୍ପାଦକ ବିଶ୍ୱମ୍ବର ଦାସ, ଉପ ସଭାପତି ବିକାଶ ପାଣିଗ୍ରାହୀ ଓ ପ୍ରଦୀପ କୁମାର ମହାନ୍ତି, ସହ ସମ୍ପାଦକ ଅଂଶୁମାନ ରାଉତ ଓ ଭଗବାନ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଶମ୍ଭୁନାଥ ଦାସ, ବରିଷ୍ଠ ଉପଦେଷ୍ଟା ନରନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇ ୧୯୯୩ ମସିହାରେ ମିଳିତ ଜାତିସଂଘ ସାଧାରଣ ପରିଷଦ ପକ୍ଷରୁ ପ୍ରତିବର୍ଷ ମେ ୩ ତାରିଖରେ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା ବେଳେ ସେହି ଦିନ ଠାରୁ ବିଶ୍ୱର ସମସ୍ତ ଦେଶର ଗଣମାଧ୍ୟମ ଓ ଗଣମାଧ୍ୟମ ସହିତ ସମ୍ପୃକ୍ତ ସମସ୍ତ କର୍ମଚାରୀ ଓ ସାମ୍ବାଦିକ ଏହି ଦିବସକୁ ପାଳନ କରିଆସୁଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସୌରଭ ରାଉଳ, ପ୍ରିୟବ୍ରତ ମହାପାତ୍ର, ନିମାଇଁ ଚରଣ ପାତ୍ର, ବିଶ୍ୱଜିତ ମହାନ୍ତି, ସୁରେଶ ମହାନ୍ତି, ଗଣେଶ ଚନ୍ଦ୍ର ବେହେରା, ହରିପଦ ସାହୁ, ଶିଶିର କୁମାର ପ୍ରଧାନ, ବନମାଳୀ ବେହେରା ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ କାର୍ଯ୍ୟକ୍ଷେତ୍ରରେ ସାମ୍ବାଦିକ ମାନଙ୍କୁ ସୁରକ୍ଷା ଯୋଗାଇ ଦେବା, ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବା, ମାସିକ ଦରମା ଓ ଅବସରର କାଳୀନ ଆର୍ଥିକ ସହାୟତା ଯୋଗାଇ ଦେବା ଓ ପେନସନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସରକାରୀ ଭାବେ ସ୍ୱତନ୍ତ୍ର ଆଇନ ପ୍ରସ୍ତୁତ କରିବା ପାଇଁ ଦାବି କରିଥିଲେ।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଉର୍ଜା ସଖୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୩।୫(ସମିସ):



ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଆଉ ଏକ ଅଭିନବ ପଦକ୍ଷେପ ନେଇଛି ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)। କେନ୍ଦୁଝର ବୈଦ୍ୟୁତିକ କ୍ଷେତ୍ରରେ ୨ଶହରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ମହିଳାଙ୍କୁ ଉର୍ଜା ସଖୀ ଭାବେ ନିଯୁକ୍ତ କରିଛି। ଏହି ମହିଳାମାନେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ବିଲ ସଂଗ୍ରହ କରୁଛନ୍ତି ଓ ପାରିଶ୍ରମିକ ପାଉଛନ୍ତି। ଏସଏଚଜି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଟିପିଏନଓଡିଏଲ ଏହି ପଦକ୍ଷେପ ଗ୍ରହଣ କରିଥିବାବେଳେ ବିଦ୍ୟୁତ ବିଲ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିବା ଉର୍ଜା ସଖୀମାନଙ୍କୁ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଟିପିଏନଓଡିଏଲ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କେନ୍ଦୁଝର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖନୀୟ ଯୋଗଦାନ ଦେଇଥିବା କେନ୍ଦୁଝର, ଯୋଡ଼ା ଓ ଆନନ୍ଦପୁର ଡିଭିଜନ ଉର୍ଜା ସଖୀଙ୍କୁ ପ୍ରଶିକ୍ଷଣ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିଫ ଅପରେସନ୍ସ ନୀଲେଶ ପୋଟଫଡେ, କେନ୍ଦୁଝର ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିକାନ୍ତ ବେହେରା, ସିଏସଆର ମୁଖ୍ୟ ଦିଲ୍ଲୀପ ସାହୁ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଟିପିଏନଓଡିଏଲ ସିଇଓ ଶ୍ରୀ ବସକ ଉର୍ଜା ସଖୀଙ୍କୁ ଉତ୍ସାହିତ କରିବା ସହ ଟିପିଏନଓଡିଏଲ ଜାରି ରଖିଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଗାଡି, ଦକ୍ଷତା ବିକାଶ କେନ୍ଦ୍ର ଜରିଆରେ ଯୁବପିଢୀଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସେ ଆହୁରି ମଧ୍ୟ ଦର୍ଶାଇଥିଲେ ଯେ ନାରୀ ସଶକ୍ତିକରଣର ସାମାଜିକ ରୂପାନ୍ତରଣର ମୂଳଦୁଆ ଅଟେ। ଆତ୍ମନିର୍ଭରଶୀଳତାର ଏହି ପାହାଚ ଆପଣଙ୍କ ଜୀବନକୁ ସଂଗଠିତ କରିବାରେ ନିଶ୍ଚୟ ସହାୟକ ହେବ ବୋଲି ଶ୍ରୀ ବସକ କହିଥିଲେ। କାର୍ଯ୍ୟକ୍ରମରେ ଉର୍ଜା ସଖୀମାନଙ୍କ ଦକ୍ଷତା ବିକାଶକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସେମାନଙ୍କୁ ସୁରକ୍ଷା, ବ୍ୟକ୍ତିତ୍ୱ ବିକାଶ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ମହିଳାମାନେ ବିଲ ସଂଗ୍ରହ କ୍ଷେତ୍ରରେ ସାମ୍ନା କରୁଥିବା ସମସ୍ୟା ପ୍ରସଙ୍ଗରେ ଟିପିଏନଓଡିଏଲ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଥାଉକି ଟିପିଏନଓଡିଏଲ ଗୁଣାତ୍ମକ ବିଜୁଳି ସେବା ଦିଗରେ ଅଗ୍ରାଧିକାର ଦେବା ସହ ଉପଭୋକ୍ତାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବହୁ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରୁଛି। ଦକ୍ଷ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ସହ ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ଟିପିଏନଓଡିଏଲ ଗୁରୁଦାୟିତ୍ୱ ବହନ କରୁଛି।

## ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଭିନ୍ନ ପ୍ରୟାସ

# ବାଇକ୍ ରାଲି ଯୋଗେ ନିର୍ବାଚନ ସଚେତନତା

- ସାମିଲ୍ ହେଲେ କେନ୍ଦୁଝର ରୟାଲ୍ ଏନଫିଲ୍ଡ କ୍ଲବର ସଦସ୍ୟ
- ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଲା "ଷ୍ଟ୍ରିଟ୍ ପ୍ଲେ', ସେଲ୍‌ଫି ପଏଣ୍ଟ

**କେନ୍ଦୁଝର,୩।୫(ସମିସ)**

ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପରିକଳ୍ପନାରେ ଶୁକ୍ରବାର କେନ୍ଦୁଝରଗଡ଼ ପୌରପାଳିକାରେ ନିର୍ବାଚନ ସଚେତନତା ଉଦ୍ଦେଶ୍ୟରେ ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଏହାଦ୍ୱାରା ସହରୀ ଭୋଟର୍ ଏବଂ ବିଶେଷ କରି ଯୁବ ଭୋଟରମାନଙ୍କୁ ଆସନ୍ତା ମେ' ୨୫ ତାରିଖରେ ବହୁ ସଂଖ୍ୟାରେ ଆସି ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଲାଗି ବାର୍ତ୍ତା ଦିଆଯାଇଛି। ଶୁକ୍ରବାର ସକାଳ ୭.୩୦ ମିନିଟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ରାଲି ବାହାରିଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ସବୁଜ ପତାକା ଦେଖାଇ ଏହି ସଚେତନତା ରାଲିର ଶୁଭାରମ୍ଭ କରିବା ସହ ନିଜେ ବାଇକ୍ ଚଲାଇ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ୧୨୦ରୁ ଊର୍ଦ୍ଧ୍ୱ ବାଇକ୍ ଆରୋହୀ ସାମିଲ୍ ହୋଇଥିବା ବେଳେ କେନ୍ଦୁଝର ରୟାଲ୍ ଏନ୍‌ଫିଲ୍‌ଡ କ୍ଲବର ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏଥିରେ ଯୋଗ ଦେଇଥିଲେ। ସମସ୍ତେ ନିର୍ବାଚନୀ ସଚେତନତା ସ୍ଲୋଗାନ୍ ଲେଖାଥିବା ସ୍ୱତନ୍ତ୍ର ଟି-ସାର୍ଟ ପିନ୍ଧିବା ସାଙ୍ଗକୁ ହାତରେ ପ୍ଲାକାଡ଼ର୍ ଧରି ପୁରୁଣା ବଜାର ସ୍ଥିତ ହାଡ଼ବନ୍ଧ ପୋଖରୀ ଅଭିମୁଖେ



ବାହାରିଥିଲେ। କେନ୍ଦୁଝରଗଡ଼ ପୌରପାଳିକା ତରଫରୁ ଏକ ସଚେତନତା ରଥ ମଧ୍ୟ ଏହି ରାଲିରେ ସାମିଲ୍ ହୋଇଥିଲା। କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଆଗରେ ମିଳିତ ଫଟୋ ଉତ୍ତୋଳନ ସହିତ ବଡ଼ଦାଣ୍ଡ ଶେଷରେ ଥିବା ହାଡ଼ବନ୍ଧ ପୋଖରୀ ଠାରେ ଏହି ସଚେତନତା ରାଲି ଶେଷ ହୋଇଥିଲା। ସେଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଓସ୍କା'ର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ "ଷ୍ଟ୍ରିଟ୍ ପ୍ଲେ' ପରିବେଷଣ ହୋଇଥିଲା। ଯାହାକି ଉପସ୍ଥିତ ଦେଖଣାହାରୀଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇବା ସହ ନିର୍ବାଚନ ସଚେତନତାର ନିଆରା ବାର୍ତ୍ତା ପ୍ରଦାନ କରିଥିଲା। ଏହି ଅବସରରେ ସମସ୍ତେ ଆସନ୍ତା ମେ'୨୫ ତାରିଖରେ ମତଦାନ କରିବାର ସଙ୍କଳ୍ପ ନେଇ ଦସ୍ତଖତ ଅଭିଯାନରେ ସାମିଲ୍ ହୋଇଥିଲେ ଏବଂ ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଇଥିଲେ। କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଏବଂ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, କେନ୍ଦୁଝରର ବରିଷ୍ଠ ଅଧିକାରୀଗଣ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ପ୍ରାର୍ଥିପତ୍ର ଦାଖଲ କଲେ ମାଧବ ସର୍ଦ୍ଦାର





**କେନ୍ଦୁଝର,୩।୫(ସମିସ):** ତେଲକୋଇ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ସହ ଏକ ସୁସଜ୍ଜିତ ଗାଡ଼ିରେ କେନ୍ଦୁଝର ଟେଲିଫୋନ୍ ଏକ୍ସଚେଞ୍ଜ୍ ଛକରୁ ଶୋଭାଯାତ୍ରା ଆରମ୍ଭ କରିଥିଲେ। ବାଟରେ ଥାନାଛକରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ସର୍ଦ୍ଦାର ଓ ଦଳୀୟ ପର୍ଯ୍ୟବେକ୍ଷକ ସଂଗ୍ରାମ ପାଇକରାୟ, କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କାନନ ବିହାରୀ ପହିଙ୍କ ଉପସ୍ଥିତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ପ୍ରବଳ ଖରା ସତ୍ତ୍ୱେ ପ୍ରାର୍ଥିପତ୍ର ଦାଖଲ ଅଭିଯାନରେ ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର, ସଦର ବିଧାୟିକା ପ୍ରାର୍ଥିନୀ ମୀନା ମାଝୀ, ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ, ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ପୂର୍ବତନ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟ ଶଙ୍କର ଚକ୍ର, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, କେନ୍ଦୁଝରଗଡ ଉପନଗରପାଳ ବରଦା ପ୍ରସନ୍ନ ଦାସ, ଯୁବନେତା ସୂର୍ଯ୍ୟନାରାୟଣ କର, ଦେବୁ ପଟ୍ଟନାୟକ, ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ପାଟଣା ନିର୍ବାଚନ ପର୍ଯ୍ୟବେକ୍ଷକ ହିରଣ ଚୌଧୁରୀ, କେନ୍ଦୁଝର ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକଙ୍କ ସମେତ ଜିଲ୍ଲାର ବହୁ ଦଳୀୟ ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ। ଶ୍ରୀ ସର୍ଦ୍ଦାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ତେଲକୋଇ ନିର୍ବାଚନ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ।

## ନାମାଙ୍କନ ଦାଖଲ କଲେ ବିଭିନ୍ନ ଦଳର ପ୍ରାର୍ଥୀ







**କେନ୍ଦୁଝର,୩।୫(ସମିସ):** କେନ୍ଦୁଝରଠାରେ ଶୁକ୍ରବାର ବିଭିନ୍ନ ଦଳର ପ୍ରାର୍ଥୀ ତାଙ୍କର ନାମାଙ୍କନ ଭରିଛନ୍ତି। ପ୍ରଥମେ କଂଗ୍ରେସ ପ୍ରାର୍ଥୀ ପ୍ରତିଭା ମଞ୍ଜରୀ ନାଏକ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପରେ ତେଲକୋଇ ବିଜେଡି ପ୍ରାର୍ଥୀ ମାଧବ ସର୍ଦ୍ଦାର ଟେଲିଫୋନ ଛକରୁ ବାହାରି ସହର ପରିକ୍ରମା ପରେ ନିର୍ବାଚନ ମଣ୍ଡଳୀ ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନ ଦାଖଲ କରିଥିଲେ। ସେପଟେ ବିଜେପିର ଶୋଭାଯାତ୍ରା କାଳୀପଡ଼ିଆରୁ ବାହାରିଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେପି ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ପ୍ରାର୍‌ଠଥପତ୍ର ଦାଖଲ କରିଥିଲେ। ପରବର୍ତ୍ତି ସମୟରେ ବିଜେପିର କେନ୍ଦୁଝର ବିଧାୟକ ପ୍ରାର୍ଥୀ ମୋହନ ମାଝୀ କେନ୍ଦୁଝର ଉପଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ଦାଖଲ କରିଥିଲେ। ଏପଟେ ପାଟଣା ବିଜେପି ପ୍ରାର୍ଥୀ ନିର୍ବାଚନ ଅଧିକାରୀ ଦାୟୀତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ଭରିଥିଲେ।

## ପାଟଣା ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ତୁରୁମୁଙ୍ଗା,୩।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ଶୁକ୍ରବାର ତାଙ୍କ ପ୍ରାର୍ଥିପତ୍ର ପାଟଣା ନିର୍ବାଚନ ମଣ୍ଡଳୀର ଦାୟୀତ୍ୱରେ ଥିବା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହାଲାଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ଶ୍ରୀ ନାଏକ ନିଜ ଘର ତୁରୁମୁଙ୍ଗାରୁ ପୂଜାର୍ଚ୍ଚନା କରିବା ପରେ ନିଜ ଗ୍ରାମ ଟାଙ୍ଗରବନ୍ତଳା ଶିବ ମନ୍ଦିର ଓ ପରେ



ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ କାଳୀପଡିଆ ଠାରୁ କେନ୍ଦୁଝର ବିଜେପି ସାଂସଦ ପ୍ରାର୍ଥୀ ଅନନ୍ତ ନାଏକ, ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ, ତେଲକୋଇ ବିଧାୟକ ପ୍ରାର୍ଥୀ ଡ. ଫକୀର ମୋହନ ନାଏକ, ଘଷିପୁରା ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ, ଚମ୍ପୁଆ ବିଧାୟକ ପ୍ରାର୍ଥୀ ମୁରଲୀ ମୋନହର ଶର୍ମା, ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, କେନ୍ଦୁଝର ଗଡ଼ ପୌରାଧକ୍ଷା ନିକୁ ସାହୁ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ, ସମ୍ପାଦକ ହେମ ରଞ୍ଜନ ବାରିକ୍, ବରିଷ୍ଠ ନେତା ବିରଜା ମିଶ୍ର, କମଳାକାନ୍ତ ଦାଶ, ଭାବଗ୍ରାହୀ ମହାନ୍ତଙ୍କ ସମେତ ସମର୍ଥକଙ୍କ ସହ ପଟୁଆରରେ ଯାଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ଆନନ୍ଦପୁରରୁ ୪ ଓ ଘସିପୁରାରୁ ୨ଜଣଙ୍କ ନାମାଙ୍କନ

**ଆନନ୍ଦପୁର,୩।୫(ସମିସ):** ଆଜି ନାମାଙ୍କନର ପଞ୍ଚମ ଦିବସରେ ଆନନ୍ଦପୁର ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଜୟଦେବ ଜେନା, ସ୍ୱାଧୀନ ପ୍ରାର୍ଥୀ ଭାବେ ବିଶ୍ୱନାଥ ପ୍ରତାପ ଜେନା ନାମାଙ୍କନ ଦାଖଲ କରିଥିବା ବେଳେ ଘସିପୁରା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ଆଜସୁ ପାର୍ଟିରୁ ରତ୍ନାକର ମହାନ୍ତ, କଳିଙ୍ଗ ନେସେନାଲ ଫଣ୍ଟ ପାର୍ଟିରୁ ଜଗବନ୍ଧୁ ମହାନ୍ତ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଜ୍ଞାନାଲୋକ ପଣ୍ଡା ନାମାଙ୍କନ ଦାଖଲ କରିଥିବା ଜଣାଯାଇଛି। କଂଗ୍ରେସ ପ୍ରାର୍ଥୀ ଶ୍ରୀ ଜେନା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହାଟଡିହିଠାରୁ ଏକ ବିରାଟ ଶୋଭାଯାତ୍ରାରେ ଆସିଥିବା ବେଳେ ଘସିପୁରା କଂଗ୍ରେସ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର ବ୍ଲକ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଥିଲେ। ଆଜି ପ୍ରାର୍ଥୀମାନେ ଶୋଭାଯାତ୍ରାରେ ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉପଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାଯାଇଛି।



## ପ୍ରାର୍ଥିପତ୍ର ଦାଖଲ କଲେ ଜୟଦେବ ଜେନା

**ସୋସୋ/ହାଟଡିହୀ,୩।୫(ସମିସ):** ଆନନ୍ଦପୁର ନିର୍ବାଚନ ମଣ୍ଡଳି ପାଇଁ କଂଗ୍ରେସରୁ ଜୟଦେବ ଜେନା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ନିଜ ବାସଭବନ ହାଟଡିହି ବ୍ଲକ ସଙ୍ଗଣା ଗ୍ରାମରୁ ଛେନାପଦି ମା'ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଏକ ରାଲିରେ ଆନନ୍ଦପୁର ଯାଇ ଉପଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସାଥିରେ ପୂର୍ବତନ



ପିସିସ ସଭାପତି ନିରଞ୍ଜନ ପଟ୍ଟନାୟକ, ଶିଳ୍ପପତି ଅଲେଖ ମଲ୍ଲିକ, ମନୋଜ ଜେନା, ନବଜ୍ୟୋତି ପଟ୍ଟନାୟକ, ନିକୁଞ୍ଜ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

**ସୋସୋ/ହାଟଡ଼ିହୀ,୩।୫(ସମିସ):** ଆନନ୍ଦପୁର ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଶ୍ୱନାଥ ପ୍ରତାପ ଜେନା ଆଜି ପୂର୍ବାହ୍ନରେ ନିଜର ହାତଗଣତି ସମର୍ଥକଙ୍କ ସହ ଯାଇ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଶ୍ୱନାଥ ଆଜି ନାମାଙ୍କନ କରିଥିବା ବେଳେ ଆସନ୍ତା ୫ ତାରିଖ ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ସ୍ୱତନ୍ତ୍ର ଶୋଭାଯାତ୍ରା କାର୍ଯ୍ୟକ୍ରମ ଛେନାପଦି ଠାରୁ ଆନନ୍ଦପୁର ଯାଏଁ କରିବା ନେଇ ସୂଚନା ମିଳିଛି।



## ଯୋଡ଼ା ପୌରାଞ୍ଚଳରେ ସନାତନଙ୍କ ଶକ୍ତି ପ୍ରଦର୍ଶନ



**ଯୋଡା,୩।୫(ସମିସ):** ଯୋଡା ପୌରାଞ୍ଚଳରେ ଚମ୍ପୁଆ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ସନାତନ ମହାକୁଡ ନିର୍ବାଚନ ପ୍ରଚାରରେ ଆସି ନିଜର ଶକ୍ତି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ଅପରାହ୍ନରେ ସନାତନ ବନେଇକଳା ଛକ ନିକଟରେ ପହଞ୍ଚିଥିଲେ। ତାଙ୍କୁ ହଜାର ହଜାର ସଂଖ୍ୟାରେ କର୍ମୀ ଏକ ମୋଟର ସାଇକଲ ଶୋଭାଯାତ୍ରା ମାଧ୍ୟମରେ ବାଜା, ବାଣ ଓ ଡିଜେ ବଜାଇ ଯୋଡା ସହର ମଧ୍ୟକୁ ପାଛୋଟି ନେଇଥିଲେ। ତାଙ୍କୁ ଏକ ଖୋଲା ଜିପରେ ବନେଇକଳା ଛକ ଠାରୁ ଶୋଭାଯାତ୍ରାରେ ଅଣାଯାଇ ଏନ୍‌ଏସି ଗେଟ, ତାରିଣୀ ଛକ, ସତ୍ୟସାଇ ମନ୍ଦିର ଛକ, ଗାନ୍ଧୀ ଛକ ଦେଇ ୨ନଂ ୱାର୍ଡ ପରେ ପଶ୍ଚିମ ଯୋଡା ମାଉସୀ ମା' ମନ୍ଦିର ଦେଇ ଧରଣୀଧର ଛକ ଓ ପରେ ବିଚାକୁଣ୍ଡି ନିଆଯାଇଥିଲା। ବିଚାକୁଣ୍ଡିରୁ ଫେରିବା ପରେ ସ୍ଥାନୀୟ ଏକ ହୋଟେଲରେ ଏକ ସାଧାରଣ ସଭାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ଏହି ଶୋଭାଯାତ୍ରାରେ ବିଜେଡି କେନ୍ଦୁଝର ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ବଡବିଲ ପୌରାଧ୍ୟକ୍ଷ ଲାଲଟୁ ମହାନ୍ତ, ଚମ୍ପୁଆ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଯୋଡା ପୌରାଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ବିଜେଡି ଜିଲ୍ଲା ସଭାପତି କୁଶ ଆପଟ୍ଟ ପ୍ରମୁଖ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ଛକମାନଙ୍କରେ ସନାତନଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିଲା।

## କରଡ଼ାପାଳ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଆନନ୍ଦପୁର,୩।୫(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ବାଟୋ ପଞ୍ଚାୟତ କରଡ଼ଡାପାଳ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ପ୍ରଧାନ ଶିକ୍ଷକ ଅତୁଲ କୁମାର ପୁହାଣଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସଭାପତି ଯଦୁନାଥ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ



ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ଅତିରିକ୍ତ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ରାଉତ ଓ ସମ୍ମାନୀତ ଅତିଥି ଭାବେ ଭାସ୍କର ଚନ୍ଦ୍ର ଖୁଣ୍ଟିଆ, ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ ମଲିକ, ସମିତିସଭ୍ୟ ତାରିଣୀ ସେନ ବରାଳ, ବାଟୋ ସରପଞ୍ଚ ଝରଣା ଜେନା, ନିରଞ୍ଜନ ପଣ୍ଡା, ବସନ୍ତ ବରାଳ, ବନମାଳି ମଲିକ, ଅମୂଲ୍ୟ ଚରଣ ସାହୁ, ରଞ୍ଜିତା ପାତ୍ର, ଗୋବର୍ଦ୍ଧନ ଜେନା, ପ୍ରଦ୍ୟୁମ୍ନ ବାରିକ, ଗୋପୀନାଥ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ନରେନ୍ଦ୍ର ସାହୁ, ଶର୍ମିଷ୍ଠା ରାଉତ, ସରିତା ସାହୁ, ଅର୍ପିତା ମଲିକ, ଚତୁର୍ଭୁଜ ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଗ୍ରାବାସୀ ଜ୍ଞାନେନ୍ଦ୍ର ରାଉତ, ନିରାକର ବରାଳ, ପ୍ରଫୁଲ ମଲିକ, ଦୁର୍ଯ୍ୟୋଧନ ବରାଳ, ଜଗନ୍ନାଥ ବରାଳ, ସୁନୀଲ ଭୋଇ, ମିରାଶ୍ରୀ ବରାଳଙ୍କ ସମେତ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସୋସୋ,୩।୫(ସମିସ):** ହାଟଡିହୀ ବ୍ଲକ ଧାଇ ପୋଖରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ଦ୍ୱୀବେଦିଙ୍କୁ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶାଳଣୀଆଁ ହାଇସ୍କୁଲର ପୁର୍ବତନ ପ୍ରଧାନ ଶିକ୍ଷକ କୋଦଣ୍ଡ ଧର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବ୍ଲକ ସହ ଶିକ୍ଷାଧିକାରୀ ସୁରେଶ କୁମାର ଜେନା, ମୁଖ୍ୟ ବ୍ୟକ୍ତା ଭାବେ ଅଭୟ କୁମାର ଜେନା, ସମ୍ମାନିତ ଅତିଥି ଅଜୟ କୁମାର ରାଉଳ, ନିରାକର ନାୟକ, ଅକ୍ଷୟ କୁମାର ବେହେରା, ରଘୁନାଥ ଦ୍ୱୀବେଦି, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବିବେକ ବେହେରା, ଶିକ୍ଷକ ରାକେଶ କୁମାର ସା, ଅନୁସୟା ପଣ୍ଡା, ନମିତା ଦାଶ, ପ୍ରତିଭା ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ତାଙ୍କୁ ଅତିଥିଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟିର ସଭ୍ୟସଭ୍ୟା , ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ଜଗନ୍ନାଥ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ଆନନ୍ଦପୁର,୩।୫(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ନୟାଗଡସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହରେ କର୍ମଚାରୀ ବାମନ ଚରଣ ମାଝୀ ଓ ରମେଶ ଚନ୍ଦ୍ର ମଲିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟର ଅଧକ୍ଷ ବୃନ୍ଦାବନ ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଯଦୁନାଥ ମଲିକ, ସମ୍ମାନୀତ ଅତିଥି ଭାବେ ଜଳସୁଆଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିନୋଦ ବିହାରୀ ମହାପାତ୍ର, ସମାଜସେବୀ ପ୍ରଫୁଲ କୁମାର ରାଉତ ଯୋଗ ଦେଇଥିଲେ। ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ଜୟନ୍ତ କୁମାର ମହାନ୍ତି ସଭାକୁ ସଂଚାଳନା କରିଥିବା ବେଳେ ଅଧ୍ୟାପକ ସରୋଜକାନ୍ତ ରାଉତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ସୌରୀ ପ୍ରସାଦ ମହାନ୍ତି, ଶଷିଭୂଷଣ ପତି, ଅଧ୍ୟାପିକା ଯୁରି ଚକ୍ର, ତପସ୍ୱିନୀ ପାତ୍ର, ସନ୍ଧ୍ୟାରାଣୀ ରାଉତ, ପରିଚାଳନା କରିଥିବା ବେଳେ ବଂଶୀଧର ରାଉତ, ଚିନ୍ତାମଣି ଜେନା, ଅର୍ଜୁନ ବାରିକ, ପ୍ରଭାକର ପାଣି, ସୌଦାମିନୀ ପହି, ଗଙ୍ଗାଧର ବରାଳ, ସନାତନ ସାହୁ, ମହେଶ୍ୱର ରାଉତ, ଲକ୍ଷ୍ମୀକାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଦେବସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



## ଖେଳପଡ଼ିଆ ସଜାଡ଼ିଲେ ଗାଁ ଯୁବଗୋଷ୍ଠୀ

**ହାଟଡ଼ିହୀ,୩।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ଆମ୍ବୋ ପଞ୍ଚାୟତ ସ୍ଥିତ ଶଙ୍ଖୋ ଗ୍ରାମ ଏକ ଆଦର୍ଶ ଗ୍ରାମ ହୋଇଥିଲେ ମଧ୍ୟ ଏଠାରେ ଏକ ଭଲ ଖେଳପଡିଆ ନାହିଁ। ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ, ଏପରିକି ରଜ ମହୋତ୍ସବ ପାଳନ ପାଇଁ ମଧ୍ୟ ପଡିଆ ନାହିଁ। ତେଣୁ ଅନାବାଦି ଜମିକୁ ସଫାସୁତୁରା କରି ଖାଲଢ଼ିପ ସ୍ଥାନରେ ମାଟିପକାଇ ସମତୁଲ କରି ଏକ ଖେଳପଡ଼ିଆ ପ୍ରସ୍ତୁତ ପାଇଁ ଶଙ୍ଖୋ ଗ୍ରାମ ବାଲିଆସାହିର ଯୁବଗୋଷ୍ଠୀ ଅଣ୍ଟା ଭିଡ଼ିଥିବା ଦେଖାଯାଇଛି। ଦୀର୍ଘଦିନ ଧରି ଏହି ଅନାବାଦି ଜମିରେ ପରିତ୍ୟକ୍ତ ହୋଇ ପଡ଼ିଥିବା ଅଳିଆ ଆବର୍ଜ୍ଜନାକୁ ସଫା କରି ଏଥିରେ ମାଟି ପକାଯାଉଛି। ଆଗାମୀ ଦିନରେ ରଜ ଉତ୍ସବ ପାଇଁ ଖେଳପଡ଼ିଆଟେ ନିହାତି ଆବଶ୍ୟକ ଭାବି ପିଲାମାନେ ଏପରି କରିଛନ୍ତି। ପ୍ରାୟ ୧ ହେକ୍ଟର ଅନାବାଦି ଜମିକୁ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଦାଶଙ୍କ ସହ ୱାଡର୍‌ମେମ୍ବର ପାକନ ଜେନା ଓ ବରିଷ୍ଠ ବିଜେଡି ନେତା ଜୀବନ ଜେନାଙ୍କ ନେତୃତ୍ୱରେ ସଫାସୁତୁରା କରାଯାଇଛି। ଏଥିରେ ଗ୍ରାମର ଦିବ୍ୟଜ୍ୟୋତି ସାହୁ, ପ୍ରହ୍ଲାଦ ସାହୁ, ମହେଶ୍ୱର ସେଠୀ, ଗୌରାଙ୍ଗ ସାହୁ, ଶ୍ରୀଧର ସାହୁ, ସୁଧାଂଶୁ ସେଠୀ, ମାନସ ଦାଶ, ରଘୁନାଥ ଜେନା, ରଞ୍ଜନ ଜେନା, ରାକେଶ ଜେନା, ବିଶ୍ୱରଞ୍ଜନ ସାହୁ, ଆଲୋକ ବେହେରା, ସତ୍ୟରଞ୍ଜନ ଶଙ୍ଖୁଆ, ସୌମ୍ୟରଞ୍ଜନ ଶଙ୍ଖୁଆ, ସୁବ୍ରତ ସାମଲ, ଭବାନୀ ସାମଲ, ବିକାଶ ଜେନା, ଆଦିକନ୍ଦ ସେଠୀ, ଅରବିନ୍ଦ ସେଠୀ, ବାଦଲ ଦାସ, ଜଗବନ୍ଧୁ ଦାସ, କାଳନ୍ଦୀ ଜେନା, ଶାନ୍ତନୁ ସେଠୀ, ଖଗେଶ୍ୱର ଜେନା, ମଣିଚରଣ ଜେନା, ପ୍ରମୋଦ ସେଠୀ, ସନ୍ତୋଷ ସାହୁ, ଅଲେଖ ସାହୁ, ମନୋଜ କୁମାର ସାହୁ, ରବିନ୍ଦ୍ର ସାହୁ, ଗଙ୍ଗାଧର ସାମଲ, ସରୋଜ ସାହୁ, ରାଜକିଶୋର ସାହୁ, ବିଦ୍ୟାଧର ସାହୁ, ଅଙ୍କୁର ସାହୁ, ଦୀପକ ସେଠୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରକାଶ ଥାଉକି, କିଛି ବ୍ୟକ୍ତି ଜବର ଦଖଲ କରି ରଖିଥିବା ଜାଗା ଛାଡୁନଥିବାରୁ ଆଦର୍ଶ ଖେଳପଡ଼ିଆ ପ୍ରସ୍ତୁତ କରିବାରେ କିଛି ବାଧା ଉପୁଜୁଛି। ଖେଳପଡ଼ିଆ ପ୍ରସ୍ତୁତ ଦିଗରେ ସରକାରୀ ଅର୍ଥ ଗଚ୍ଛିତ ଥିଲେ ସୁଦ୍ଧା କନିଷ୍ଠ ଯନ୍ତ୍ରୀଙ୍କ ଅନିଚ୍ଛା ସକାଶେ କାର୍ଯ୍ୟ ହୋଇନପାରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।



